ବର୍ଷ-୨୬, ସଂଖ୍ୟା-୯୪
ଭୁବନେଶ୍ୱର
୦୭, ଏପ୍ରିଲ୍ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.94
Bhubaneswar
07 April, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ତାମିଲ ଟିଭି ଅଭିନେତ୍ରୀ ସୁଭାସିନୀଙ୍କ ମୃତଦେହ ଉଦ୍ଧାର



# ୯ ଜଣ ପୋଲିସ କର୍ମୀଙ୍କୁ ଫାଶୀ ଦଣ୍ଡ

ନୂଆଦିଲ୍ଲୀ,୬।୪(ଏଜେନ୍ସି): ତାମିଲନାଡୁର ଥୁଥୁକୁଡ଼ି ଜିଲ୍ଲାର ଏକ ମାମଲାରେ ମଦୁରାଇର ଏକ କୋର୍ଟ ବଡ଼ ରାୟ ଶୁଣାଇଛନ୍ତି । ହାଜତରେ ବାପ ଓ ପୁଅଙ୍କୁ ନିର୍ଯାତନା ଏବଂ ପରେ ମୃତ୍ୟୁ ମାମଲାରେ ୯ ଜଣ ପୋଲିସ କର୍ମୀଙ୍କୁ ଫାଶୀ ଦଣ୍ଡ ଦେଇଛନ୍ତି କୋର୍ଟ । ଦୋଷୀଙ୍କ ମଧ୍ୟରେ ପୋଲିସ ଇନ୍ସପେକ୍ଟର ଶ୍ରୀଧର ଅଛନ୍ତି, ତାଙ୍କ ଉପରେ ୧୫ ଲକ୍ଷ ଟଙ୍କାର ଜରିମାନ ଲଗାଇଯାଇଛି । ୧୦ ଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ମାମଲା ହୋଇଥିଲା । ୯ ଜଣ ଜୀବିତ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଇଛି ବୋଲି କୋର୍ଟ କହିଛନ୍ତି ।



ନିଜ ରାୟରେ କୋର୍ଟ କହିଛନ୍ତି ଯେ, ପ୍ରତିଶୋଧ ନେବାକୁ ବାପା ଏବଂ ପୁଅଙ୍କୁ ଉଲଗ୍ନ କରାଯାଇଥିଲା ଏବଂ ନିର୍ମମ ଭାବରେ ମାଡ଼ ମରାଯାଇଥିଲା । ଏହି ମାମଲା ଅତ୍ୟନ୍ତ ହୃଦୟ ବିଦାରକ। ଏକ ପରିବାରକୁ ବିନାଶ କରାଯାଇଥିବା ମାମଲା ଏବଂ କ୍ଷମତାର ଅପବ୍ୟବହାରର ଏକ ସ୍ପଷ୍ଟ ଉଦାହରଣ। କୋର୍ଟ କହିଛନ୍ତି ଯେ, ଯେଉଁମାନେ ଲୋକଙ୍କ ଟଙ୍କାରୁ ଦରମା ପାଆନ୍ତି, ସେମାନେ କାର୍ଯ୍ୟ ତୁଲାଇବାକୁ କେଣସି ଚାପର ବାହାନା ଦେଇପାରିବେ ନାହିଁ । ଏହି ମାମଲାରେ ସିସିଟିଭି ଫୁଟେଜ୍ ହସ୍ତଗତ ହୋଇଛି । ଖଣ୍ଡପୀଠ ଆହୁରି କହିଛନ୍ତି, ତାମିଲନାଡୁରେ ଅନେକ ସଚ୍ଚୋଟ ପୋଲିସ ଅଧିକାରୀ ଅଛନ୍ତି । କିନ୍ତୁ ଏପରି ମାମଲାରେ କେବଳ ଆଜୀବନ କାରାଦଣ୍ଡ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ ନାହିଁ।ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ମାମଲା ତାମିଲନାଡୁର ଥୁଥୁକୁଡି ଜିଲ୍ଲାର ସଥାନକୁଲମର । ଯେଉଁଠାରେ ପିତା ପି. ଜୟରାଜ ଏବଂ ତାଙ୍କ ପୁଅ ବେନିକ୍ସ ୨୦୨୦ରେ ପୋଲିସ ହେପାଜତରେ ନିର୍ଯାତନାର ଶିକାର ହୋଇଥିଲେ ଏବଂ ପରେ ମୃତ୍ୟୁବରଣ କରିଥିଲେ। ୧୯ ଜୁନ୍ ୨୦୨୦ରେ, ପୋଲିସ ଜୟରାଜଙ୍କୁ ତାଙ୍କ ପୁଅଙ୍କ ମୋବାଇଲ୍ ଦୋକାନରୁ ଥାନାକୁ ନେଇଯାଇଥିଲା । ପୋଲିସ ଦାବି କରିଥିଲା ଯେ, କୋଭିଡ୍-୧୯ କର୍ଫ୍ୟୁ ଲାଗିଥିବା ବେଳେ ଦୋକାନଟି ଖୋଲିଥିଲା। ବେନିକ୍ସ ପୋଲିସ ଷ୍ଟେସନରେ ପହଞ୍ଚି ତାଙ୍କ ବାପାଙ୍କୁ ମୁକ୍ତ କରିବାକୁ ଦାବି କରିଥିଲେ । ପୋଲିସ ତାଙ୍କ ସମ୍ମୁଖରେ ଜୟରାଜଙ୍କୁ ଗାଳି ଦେଇଥିଲା, ଫଳରେ ବିବାଦ ସୃଷ୍ଟି ହୋଇଥିଲା।

ପୋଲିସ ରାତିସାରା ଥାନାରେ ଉଭୟ ବାପା ଓ ପୁଅଙ୍କୁ ନିଷ୍ଠୁର ଭାବରେ ମାଡ଼ ମାରିଥିଲା ଏବଂ ନିର୍ଯାତନା ଦେଇଥିଲା। ପରଦିନ, ସେମାନଙ୍କୁ ଚିକିତ୍ସା ବିନା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା ଏବଂ କୋଭିଲପଟ୍ଟି ସବ-ଜେଲରେ ରଖାଯାଇଥିଲା। ଅଟକ ସମୟରେ ସେମାନଙ୍କ ଅବସ୍ଥା ଆହୁରି ଖରାପ ହେବାକୁ ଲାଗିଲା। ୨୨ ଜୁନ୍ ୨୦୨୦ରେ ବେନିକ୍ସଙ୍କ ଏକ ସରକାରୀ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା । ତାଙ୍କ ବାପା ଜୟରାଜ ମଧ୍ୟ ଗୋଟିଏ ଦିନ ପରେ ୨୩ ଜୁନରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ପରେ, ମାମଲାରେ ଦୁଇଟି ଏଫଆଇଆର୍ ପଞ୍ଜିକୃତ ହୋଇଥିଲା। ତଦନ୍ତ ପ୍ରଥମେ ସିବି-ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା ଏବଂ ପରେ ସିବିଆଇକୁ ଯାଇଥିଲା। ଅଭିଯୁକ୍ତ ପୋଲିସ ଅଧିକାରୀମାନଙ୍କ ମଧ୍ୟରୁ ଜଣେ, ଏସଏସଆଇ ପାଉଲଦୁରାଇଙ୍କ ଅଗଷ୍ଟ ୨୦୨୦ରେ କୋଭିଡ୍-୧୯ରେ ମୃତ୍ୟୁ ହୋଇଥିଲା। ସିବିଆଇ ବାକି ୯ ଜଣ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। ଆଉ ଏବେ ସେମାନଙ୍କୁ କୋର୍ଟ ମୃତ୍ୟୁ ଦଣ୍ଡ ଦେଇଛନ୍ତି ।

# କୋଚିଂରୁ ଫେରୁଥିବା ବେଳେ ଛାତ୍ରୀଙ୍କୁ ଅପହରଣ

କେନ୍ଦ୍ରାପଡ଼ା,୬।୪(ମହାଭାରତ): କେନ୍ଦ୍ରାପଡାରୁ ଅପହରଣ ହୋଇଥିବା ଛାତ୍ରୀଙ୍କୁ କଟକରୁ ଉଦ୍ଧାର କରାଯାଇଛି। ଆଜି କୋଚିଂ କ୍ଲାସ ସାରି ଘରକୁ ଫେରୁଥିବା ବେଳେ ଜଣେ କଲେଜ ଛାତ୍ରୀଙ୍କୁ କାରରେ ଦୁର୍ବୃତ୍ତମାନେ ବଳପୂର୍ବକ ଅପହରଣ କରି ନେଇଥିଲେ। ତେବେ ପୋଲିସର ତ୍ୱରିତ ପଦକ୍ଷେପ ଫଳରେ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ କଟକରୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ପାଟକୁରା ଥାନା ଅନ୍ତର୍ଗତ ଯମୁନାବାଦ ଗଡ ଅଞ୍ଚଳର ଏହି ଛାତ୍ରୀ ଆଜି କୋଚିଂ କ୍ଲାସ ସାରି ଘରକୁ ଫେରୁଥିଲେ। ପୂର୍ବାହ୍ନ ସମୟରେ ସ୍ଥାନୀୟ କଲେଜରୁ ପାଠ ପଢି ଦୁଇ ଯୁବତୀ ଫେରୁଥିବା ବେଳେ ଏହି ସମୟରେ ଏକ କାରରେ ଆସିଥିବା ତିନି ଜଣ ଯୁବକ ତାଙ୍କୁ ବଳପୂର୍ବକ ଉଠାଇ ନେଇଥିଲେ। ଦୁଇ ଯୁବତୀ ଦୁଇଟି ସାଇକେଲ ଯୋଗେ ଘରକୁ ଫେରୁଥବା ବେଳେ ଅପହରଣକାରୀ ସେମାନଙ୍କୁ ବନ୍ଧ ଗଡା ନିକଟରେ ଅଟକାଇ ଥିଲେ ପରେ ଜଣଙ୍କୁ କାରରେ ବସାଇ ଫେରାର ହୋଇ ଯାଇଥିଲେ। ଯୁବତୀ ଜଣଙ୍କ ଯୁକ୍ତ ଦୁଇ କଳା ଶେଷ ବର୍ଷରେ ପଢ଼ନ୍ତି ବୋଲି ଜଣାପଡ଼ିଛି।

ଖବର ପାଇ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଗାଡ଼ିଟିଙ୍କୁ ପିଛା କରିଥିଲା। ଶେଷରେ କଟକର କନ୍ଦରପୁର ନିକଟରେ ଗାଡ଼ିଟିକୁ ଠାବ କରିବାରେ ପୋଲିସ ସଫଳ ହୋଇଥିଲା। ପୋଲିସ କାର ଡ୍ରାଇଭର ସହ ଜଣେ ଅପହରଣକାରୀକୁ ଧରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଉଦ୍ଧାର ପରେ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଏପର୍ଯ୍ୟନ୍ତ ଅପହରଣର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ, ଅଭିଯୁକ୍ତମାନେ ଓ ଛାତ୍ରୀ ଏକେ ଗାଁର ବୋଲି ପ୍ରାଥମିକ ତଥ୍ୟ ମିଳିଛି।

# ଶପଥ ନେଲେ ମନମୋହନ, ଦିଲ୍ଲୀପ ଓ ସଂତୃପ୍ତ

ଭୁବନେଶ୍ୱର,୬।୪(ମହାଭାରତ): ଦେଶର ସର୍ବୋଚ୍ଚ ସଦନ ରାଜ୍ୟସଭାରେ ଓଡ଼ିଶାର ପ୍ରତିନିଧିତ୍ୱକୁ ଆହୁରି ଦୃଢ଼ କରି ତିନି ଜଣ ନୂତନ ସାଂସଦ ଆଜି ଶପଥ ଗ୍ରହଣ କରିଛନ୍ତି। ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାରେ ଶପଥ ନେଇ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସଂତୃପ୍ତ ମିଶ୍ର ନିଜର ସଂସଦୀୟ ଯାତ୍ରାକୁ ଆରମ୍ଭ କରିଛନ୍ତି। ଏହା ଓଡ଼ିଆ ଭାଷା ପ୍ରତି ସମ୍ମାନ ଓ ଗର୍ବର ଏକ ସ୍ପଷ୍ଟ ପ୍ରତିଛବି ଭାବେ ଦେଖାଯାଇଛି। ସୂଚନା ଅନୁସାରେ, ବିଜେପି ପକ୍ଷରୁ ମନମୋହନ ସାମଲ ଓ ସୁଜିତ କୁମାର ରାଜ୍ୟସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ଜିତିଥିବାବେଳେ, ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ନିର୍ବାଚିତ ହୋଇଛନ୍ତି। ତେବେ ସୁଜିତ କୁମାର ବର୍ତ୍ତମାନ ଆସାମ ନିର୍ବାଚନୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେ ଫେରିଲେ ପରେ ଶପଥ ନେବେ ବୋଲି ଜଣାପଡ଼ିଛି।

# ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଘୋଷଣା

ଭୁବନେଶ୍ୱର,୬।୪(କେଏନଏସ):: ରାଜ୍ୟର ୨୩ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଘୋଷଣା ହୋଇଛି । ଅନୁଗୁଳ ଜିଲ୍ଲାରେ ବଶିଷ୍ଠ ନାୟକଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ମିଳିଥିବାବେଳେ ଉପାଧ୍ୟକ୍ଷ ହୋଇଛନ୍ତି ସୁରୁମଣି ଛତର । ବଲାଙ୍ଗିରର ବଲ୍ଲଭ ଧରୁଆ ଅଧ୍ୟକ୍ଷ ଓ ଜୟନ୍ତୀ ଭୋଇ ଉପାଧ୍ୟକ୍ଷ, ବାଲେଶ୍ୱରର ବିପିନ୍ ମାରାଣ୍ଡି ଅଧ୍ୟକ୍ଷ ଓ ଝରଣା ସିଂ ଉପାଧ୍ୟକ୍ଷ, ବରଗଡ଼ ପାଇଁ ଗୋବର୍ଦ୍ଧନ ଭୋଏ ଅଧ୍ୟକ୍ଷ, ତିଳତ୍ତୋମା ଭୁଏ ଉପାଧ୍ୟକ୍ଷ, ବୌଦ୍ଧ ଜିଲ୍ଲାର ଡମରୁ ଧର କହଁର ଅଧ୍ୟକ୍ଷ ଓ ଝରଣା ଜାନି ଉପାଧ୍ୟକ୍ଷା ହୋଇଛନ୍ତି ।



ସେହିପରି ଦେବଗଡ଼- ପ୍ରଶାନ୍ତ ବେହେରା ଅଧ୍ୟକ୍ଷ ଓ ପ୍ରମିଳା କିଶାନ ଉପାଧ୍ୟକ୍ଷ, ଢେଙ୍କାନାଳ- ନାଉରି ସିଂ ଅଧ୍ୟକ୍ଷ ଓ ସେବତୀ ଭୋଇ ଉପାଧ୍ୟକ୍ଷ, ଗଜପତି- କାମଦେବ ବଡ଼ନାୟକ ଅଧ୍ୟକ୍ଷ ଓ ପଙ୍କଜିନୀ ଦଳାଇ ଉପାଧ୍ୟକ୍ଷ, ଗଞ୍ଜାମ- ନୀଳମାଧବ ପାତ୍ର ଅଧ୍ୟକ୍ଷ ଓ ଲଳିତା ପ୍ରଧାନ ଉପାଧ୍ୟକ୍ଷା ହୋଇଛନ୍ତି ।

ଯାଜପୁର ରାଜେନ୍ଦ୍ର କାନ୍ଦୁଲିଆ ଅଧ୍ୟକ୍ଷ ଓ ଶାନି ଜରିକା ଉପାଧ୍ୟକ୍ଷ, ଝାରସୁଗୁଡ଼ା ସାମଲ ନାଏକ ଅଧ୍ୟକ୍ଷ ଓ ସଂଯୁକ୍ତା ଓରାମ ଉପାଧ୍ୟକ୍ଷା, କଳାହାଣ୍ଡି ବିଜୟ ଦିଶାରୀ ଅଧ୍ୟକ୍ଷ ଓ ରୀନା ଭୋଇ ଉପାଧ୍ୟକ୍ଷା, କନ୍ଧମାଳ ଜିଲ୍ଲା ପାଇଁ ମାନଗୋବିନ୍ଦ ପ୍ରଧାନ ଅଧ୍ୟକ୍ଷ ଓ କଳ୍ପନା କହଁର ଉପାଧ୍ୟକ୍ଷା, କେନ୍ଦୁଝର ମମିତା ନାଏକ ଅଧ୍ୟକ୍ଷା ଓ ମାନସ ନାଏକ ଉପାଧ୍ୟକ୍ଷ, କୋରାପୁଟ ଜିଲ୍ଲାର ଭଗବାନ ମୁଦୁଲି ଅଧ୍ୟକ୍ଷ ଓ ସୁକାନ୍ତି ମାଝୀ ଉପାଧ୍ୟକ୍ଷା ହୋଇଛନ୍ତି ।

ମାଲକାନଗିରିର ଗଙ୍ଗାଧର ସୋଡ଼ି ଅଧ୍ୟକ୍ଷ ଓ ସାବିତ୍ରୀ ପଡ଼ିଆମି ଉପାଧ୍ୟକ୍ଷା, ମୟୂରଭଞ୍ଜର ବୁଧାନ ମୁର୍ମୁ ଅଧ୍ୟକ୍ଷ ଓ କୌଶଲ୍ୟା ନାଏକ ଉପାଧ୍ୟକ୍ଷା, ନବରଙ୍ଗପୁର ଜିଲ୍ଲାର ବାସନ୍ତୀ ମାଝି ଅଧ୍ୟକ୍ଷା ଓ ଲିଙ୍ଗରାଜ ଭତ୍ରା ଉପାଧ୍ୟକ୍ଷ, ନୟାଗଡ଼ ଜିଲ୍ଲାର ତ୍ରିନାଥ ମଲ୍ଲିକ ଅଧ୍ୟକ୍ଷ ଓ ସମିତା ଦେହୁରୀ ଉପାଧ୍ୟକ୍ଷ, ନୂଆପଡ଼ା ଜିଲ୍ଲାର ହୋମେସିଂ ମାଝୀ ଅଧ୍ୟକ୍ଷ ଓ ବେଲାମତି ମାଝୀ ଉପାଧ୍ୟକ୍ଷା, ରାୟଗଡ଼ା ଜିଲ୍ଲାର ବିଦ୍ୟାଧର ଶବର ଅଧ୍ୟକ୍ଷ ଓ ମଞ୍ଜୁଳା ମିନିଆକା ଉପାଧ୍ୟକ୍ଷା, ସମ୍ବଲପୁର ଜିଲ୍ଲାର ଭଗିନ୍ଦ୍ର କିଶାନ ଅଧ୍ୟକ୍ଷ ଓ ସୁଷମା ମୁଣ୍ଡା ଉପାଧ୍ୟକ୍ଷ ଏବଂ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସନ୍ତୋଷ ଅମାତ ଅଧ୍ୟକ୍ଷ ଓ ଗାଙ୍ଗି କିଣ୍ଡୋ ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି ।

# ଇରାନ ଗୁଇନ୍ଦା ମୁଖ୍ୟଙ୍କ ସମେତ ୨୫ ମୃତ

ନୂଆଦିଲ୍ଲୀ,୬।୪: ଇରାନରେ ଆଜି ଠାରୁ ଆକ୍ରମଣକୁ ଆହୁରି ତୀବ୍ର କରିଛନ୍ତି ଆମେରିକା ଓ ଇସ୍ରାଏଲ। ଆଜି ସକାଳୁ ଦୁଇ ଦେଶ ମିଳିତ ଭାବେ ଇରାନର ଅନେକ ସ୍ଥାନରେ କରିଛନ୍ତି ଏୟାର ଷ୍ଟ୍ରାଇକ। ଏଥିରେ ଇରାନର ପାରାମିଲିଟାରୀ ରେଭ୍ୟୁଲେସନାରୀ ଗାର୍ଡ କ୍ରପ୍ସ ବା ଆଇଆରଜିସିର ଗୁଇନ୍ଦା ମୁଖ୍ୟ ମାଜିଦ ଖାଦେମିଙ୍କ ମୃତ୍ୟୁ ଘଟିଛି। ଏଥିସହ ଆଉ ୨୪ ଜଣ ମଧ୍ୟ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ଆଇଆରଜିସି ପକ୍ଷରୁ କୁହାଯାଇଛି ।ଆଇଆରଜିସି ନିଜ ଗୁଇନ୍ଦା ମୁଖ୍ୟ ମାଜିଦଙ୍କ ନିହତ ଖବରକୁ ନିଶ୍ଚିତ କରିଥିଲେ ହେଁ କେଉଁଠି ସେ ଆଖି ବୁଜିଲେ ସେକଥା କହିନି। କିନ୍ତୁ ଇରାନର ରାଜଧାନୀ ତେହରାନର ଆଖପାଖ ଅଞ୍ଚଳରେ ଥିବା ଆବାସିକ ଅଞ୍ଚଳରେ ଆଜି ସକାଳୁ ହୋଇଥିବା ଏୟାର ଷ୍ଟ୍ରାଇକରେ ମାଜିଦ ଆଖି ବୁଜିଥିବା କୁହାଯାଉଛି। ଆଇଆରଜିସି ନିଜ ଟେଲିଗ୍ରାମ ଚ୍ୟାନେଲରେ କହିଛି ଯେ ''ଇସଲାମିକ ରେଭ୍ୟୁଲେସନାରୀ ଗାର୍ଡସ କ୍ରପ୍ସ(ଆଇଆରଜିସି) ଗୁଇନ୍ଦା ସଂଗଠନର ଶକ୍ତିଶାଳୀ ଓ ଶିକ୍ଷା ପ୍ରମୁଖ ମେଜର ଜେନେରାଲ ମାଜିଦ ଖାଦେମି ଆଜି ଭୋରରୁ ଆମେରିକା-ଇହୁଦୀ ଶତ୍ରୁ ଦ୍ୱାରା କରାଯାଇଥିବା ଅପରାଧିକ ଆତଙ୍କବାଦୀ ହମଲାରେ ସହିଦ ହୋଇ ଯାଇଛନ୍ତି।''ଜେନେରାଲ ମହମ୍ମଦ କାଜେମିଙ୍କ ସ୍ଥାନରେ ମାଜିଦ ଗୁଇନ୍ଦା ମୁଖ୍ୟ ହୋଇଥିଲେ। ଜୁନ ମାସରେ ୧୨ ଦିନ ଧରି ଆମେରିକା-ଇସ୍ରାଏଲ ସହ ଚାଲିଥିବା ଯୁଦ୍ଧ ବେଳେ କାଜେମିଙ୍କ ମୃତ୍ୟୁ ଘଟିଥିଲା। ଏବେ ମାଜିଦ ନିହତ ହୋଇଛନ୍ତି।



ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁସାରେ, ସୋମବାର ଆମେରିକା-ଇସ୍ରାଏଲ ପକ୍ଷରୁ ଘନଘନ ଏୟାର ଷ୍ଟ୍ରାଇକ କରାଯାଇଥିବାରୁ ୨୫ ଜଣ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ଆବାସିକ ଅଞ୍ଚଳରେ ଏୟାର ଷ୍ଟ୍ରାଇକ ହୋଇଥିବାରୁ ଏତେ ବଡ ଘଟଣା ଘଟିଛି। ଇରାନ ପକ୍ଷରୁ ମଧ୍ୟ ଏହାର ଜବାବରେ ମିସାଇଲ ମାଡ କରାଯାଇଥିବା ଇରାନୀୟ ଗଣମାଧ୍ୟମ ଦାବି କରିଛି। ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ନାଲି ଆଖି ଦେଖାଇ ମଙ୍ଗଳବାର ରାତି ୮ଟା ସୁଦ୍ଧା ଷ୍ଟ୍ରେଟ ଅଫ ହର୍ମୁଜ ଖୋଲିବାକୁ କହିଛନ୍ତି। ଏହାକୁ ଇରାନ କଟାକ୍ଷ କରୁଥିବା ବେଳେ ଆଜି ସକାଳୁ ଇସ୍ରାଏଲ ସହ ମିଶି ତେହରାନରେ ଆମେରିକା ଆକ୍ରମଣକୁ ତୀବ୍ର କରିଛି। ତେଣୁ ଆଗକୁ ସ୍ଥିତି ଆହୁରି ଭୀଷଣ ହେବାର ଆଶଙ୍କା ପ୍ରକାଶ ପାଇଛି।

# ସିଇସିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଖାରଜ

ନୂଆଦିଲ୍ଲୀ,୬।୪(ମହାଭାରତ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବକୁ ଖାରଜ କରାଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷ ଏହି ପ୍ରସ୍ତାବକୁ ଖାରଜ କରିଛନ୍ତି। ବିରୋଧୀ ଦଳ ସିଇସିଙ୍କୁ ହଟାଇବା ପାଇଁ ଦାବି କରିଥିଲେ। ଟିଏମସିଙ୍କ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପଦରୁ ହଟାଇବା ପାଇଁ ସଂସଦର ଉଭୟ ଗୃହରେ ମହାଭିଯୋଗ ପାଇଁ ନୋଟିସ ଦାଖଲ କରିଥିଲେ। ସେକ୍ସନ୍ ୩ ଅଫ୍ ଜଜେସ ଇନକ୍ୱାରୀ ଆକ୍ଟ ୧୯୬୮ ର ଅନୁଯାୟୀ, ତାଙ୍କ କ୍ଷମତା ପ୍ରୟୋଗ କରି, ରାଜ୍ୟ ସଭାର ଅଧ୍ୟକ୍ଷ ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ।

ଏହି ପ୍ରସ୍ତାବ ମାର୍ଚ୍ଚ ୧୨ରେ ରାଜ୍ୟ ସଭାରେ ଆଗତ କରାଯାଇଥିଲା। ଏଥିରେ ରାଜ୍ୟ ସଭାରେ ୬୩ ଜଣ ଏମ୍ପି ସ୍ୱାକ୍ଷର କରିଥିଲେ। ଲୋକ ସଭାରେ ୧୩୦ ଜଣ ଏମ୍ପି ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ। ଏହି ପ୍ରସ୍ତାବର ଉଦ୍ଦେଶ୍ୟ ଥିଲା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା। ନିୟମ ଅନୁଯାୟୀ, ଜଣେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ଅତି କମରେ ୧୦୦ ଜଣ ଲୋକ ସଭା ଏମ୍ପି କିମ୍ବା ୫୦ ଜଣ ରାଜ୍ୟ ସଭା ଏମ୍ପିଙ୍କ ସ୍ୱାକ୍ଷର ଆବଶ୍ୟକ। ବିଶେଷକରି ନୋଟିସ ମୁଖ୍ୟ ନିର୍ବାଚନ କମିଶନରଙ୍କ ବିରୋଧରେ ଅନେକ ଅଭିଯୋଗ ଆଣିଥିଲା। ଏଥିରେ ପଦବୀରେ ଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରିବା, ନିର୍ବାଚନ ଅନିୟମିତତାର ତଦନ୍ତରେ ଜାଣିଶୁଣି ବାଧା ସୃଷ୍ଟି କରିବା ଏବଂ ଭୋଟର ତାଲିକାରେ ହେରଫେର କରିବା ଭଳି ଅଭିଯୋଗ ସାମିଲ ଅଛି। ଟିଏମସିର ନୋଟିସରେ ବିହାର ଏବଂ ପଶ୍ଚିମବଙ୍ଗରେ ଭୋଟର ତାଲିକାରୁ ବଡ଼ ପରିମାଣରେ ନାମ ବାଦ ଦେବା ଅଭିଯୋଗ ସମେତ ୭ଟି ପ୍ରାଥମିକ ଅଭିଯୋଗ ତାଲିକାଭୁକ୍ତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଦୁର୍ଘଟଣା, ୧୧ ମୃତ

ଥୁଆମୂଳ ରାମପୁର/ଉମରକୋଟ / ରାଉରକେଲା / ସୁନ୍ଦରଗଡ, ୬।୪(ମହାଭାରତ): ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୧୧ ଜଣଙ୍କର ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲା ଥୁଆ ରାମପୁରରେ ୩ ଜଣ, ନବରଙ୍ଗପୁର ଜିଲ୍ଲା ଭାରତମାଳା ରାସ୍ତାରେ ବଡ଼କୁମାରୀଠାରେ ୩ , ରାଉରକେଲାରେ ୩ ଓ ସୁନ୍ଦରଗଡରେ ୨ ଜଣଙ୍କ ମୃତ୍ୟୁଖବର ସାମନାକୁ ଆସିଛି।

ନବରଙ୍ଗପୁର ଜିଲ୍ଲା ଭାରତମାଳା ରାସ୍ତାରେ ବଡ଼କୁମାରୀ ନିକଟରେ ଦୁଇ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏଥିସହ ୫ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୃତକମାନେ ହେଲେ କୋରାପୁଟ ଜିଲ୍ଲା ସୁନାବେଡାର ଅରୁଣ କୁମାର ପଣ୍ଡା(୬୫), ନାତି ଆଶୁତୋଷ ରଥ(୧୦) ଏବଂ ସୁବ୍ରତ ଶତପଥୀ (୩୫)। ସ୍ଥାନୀୟ ଲୋକଙ୍କର ସହାୟତାରେ ପୁଲିସ ସମସ୍ତ ଗୁରୁତରମାନଙ୍କୁ ଉମରକୋଟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୋଟିଏ ପରିବାର ନବରଂପୁର ଜିଲ୍ଲା ଝରିଗାଁ ଥାନା ଅଧୀନ ଚିତାବୋ ଗ୍ରାମରୁ ଭୋଜି ଖାଇ ଫେରୁଥିବା ବେଳେ ଅନ୍ୟ ଗାଡିଟି ମୋଟେରରୁ ରାଇଘର ହଳଦୀକୁ ବରଯାତ୍ରୀ ଯାଉଥିବା ସମୟରେ ଦୁର୍ଘଟଣା ଘଟିଛି। ଆଶୁତୋଷ ଓ ଅରୁଣ ପଣ୍ଡା ସମ୍ପର୍କରେ ଅଜା ନାତି ଅଟନ୍ତି। ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ କରୁଛନ୍ତି। ମଟର ରୁ ରାଇଘର ଯାଉଥିବା ଗାଡି ଟ୍ରାଫିକ ନିୟମ ଭାଙ୍ଗି ରଙ୍ଗ ରୁଟ ରେ ଆସୁଥିବା ଯୋଗୁଁ ଦୁର୍ଘଟଣା ହୋଇଥିବା ଅନୁମାନ କରାଯାଉଛି।



ସେହିପରି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ସୋମବାର ଦୁଇଟି ପୃଥକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ଉପଯୁକ୍ତ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଶବ ଜବତ କରିବାକୁ ଦେଉ ନ ଥିବାବେଳେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।ପ୍ରଥମ ଦୁର୍ଘଟଣାଟି ଇନ୍ଦ୍ରାବତୀ ବ୍ରିଜ ନିକଟ ସିନାତୋଟା ପାଖରେ ଘଟିଛି। ସାନ ଦେରଲା ଗ୍ରାମର ରୁଦ୍ର ନାଏକ (୧୯) ଓ ବାଲେଶ୍ୱର ନାଏକ (୨୦) ଏବଂ ବଡ଼ ଦେରଲା ଗ୍ରାମର ଖଗେଶ୍ୱର ମାଝୀ (୩୪) ଦୁଇଟି ବାଇକ ଯୋଗେ କୁମ୍ଭାରକାନି ପେଟ୍ରୋଲ ପମ୍ପରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଡୁମେରପଦର ପଟୁ ଆସୁଥିବା ଏକ ଟ୍ରାକ୍ଟର ସହ ବାଇକ ଦ୍ୱୟର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ରୁଦ୍ର ଓ ଖଗେଶ୍ୱରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ବାଲେଶ୍ୱରଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ନ ମିଳିବାରୁ ଥାନା ଅଧିକାରୀ କୈବଲ୍ୟ ସେଠ ନିଜ ସରକାରୀ ଗାଡ଼ିରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ଶକ୍ତି ସାଗର ତାଙ୍କୁ ଜିଲା ମେଡିକାଲକୁ ରେଫର୍ କରିଛନ୍ତି। ଅନୁରୂପ ଭାବେ କଳାହାଣ୍ଡି-ରାୟଗଡ଼ା ସୀମାନ୍ତ କୋଚବାଇ ବାଇପାସ ନିକଟରେ ଦୁଇଟି ବାଇକ ମଧ୍ୟରେ ଧକ୍କା ହୋଇଛି। କାଶୀପୁର ଥାନା ବଡ଼ ଚେକ୍କା ଗ୍ରାମର କୁମରମଣି ନାଏକ (୨୭)ଙ୍କ ମୃତ୍ୟୁ ହୋଇଥିବାବେଳେ ଆମ୍ବୁଲାନ୍ସ ନ ପହଞ୍ଚିବାରୁ ତ୍ରିନାଥ ନାୟକ (୪୫) ଓ ସଙ୍କୁଳ ମାଝୀ (୨୬)ଙ୍କୁ ଏକ ବାଇକ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

କୁଆଁରମୁଣ୍ଡା ରାସ୍ତାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା କ୍ଷ ଯମୁନାଡ଼ିପା ପ୍ରଗତି ପେଟ୍ରୋଲ ନିକଟ ସୋନୁ ଢ଼ାବା ଭିତରକୁ ପଶିଗଲା କାର କ୍ଷ ଚାଳକ ସମେତ ଦୁଇ ମୃତ କ୍ଷ ଅନ୍ୟ ଜଣେ ଗୁରୁତର କ୍ଷ ଆଜି ଭୋର ପ୍ରାୟ ତିନିଟାରେ ରାଞ୍ଚିରୁ ରାଉରକେଲା ଫେରୁଥିଲେ କ୍ଷ ଗୁରୁତରଙ୍କୁ ବେଦବ୍ୟାସ ଜେପି ହସ୍ପିଟାଲରେ ଭର୍ତି କରାଯାଇଛି କ୍ଷ କୁଆଁରମୁଣ୍ଡା ଫାଣ୍ଡି ପୁଲିସ ଦୁଇ ଜଣଙ୍କଶବଜବତ କରି ବ୍ୟବଚ୍ଛେଦ ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇଛି କ୍ଷମୃତକ ହେଲେ ଛେଣ୍ଡ କଲୋନିର କୁନାଲ ନାୟକ (୨୨), ମୋହିତ ମହାତୋ (୨୨)କ୍ଷ ଗୁରୁତର ସମୀର ନାୟକଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତି କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ କ୍ରେଟା କାର ଓଡି ୧୪ ଏବି ୯୮୩୬କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି କ୍ଷ ଢ଼ାବା ବନ୍ଦ ଥିବାରୁ କର୍ମଚାରୀମାନେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି କ୍ଷ ଏଣେ ଆଜି ସକାଳ ପ୍ରାୟ ସାଢେ ସାତଟାର ଡିଏଭି ଛକରେ ଟ୍ରକ୍ ଧକ୍କା ଯୁବତୀଙ୍କ ଜୀବନ ଯାଇଛି କ୍ଷ ମୃତ ଯୁବତୀ ସେକ୍ଟର -୬ ର ସୁମନ ନାୟକ (୨୩)କ୍ଷ

ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଅଞ୍ଚଳରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ଜୀବନ ଯାଇଛି। ଏହିଘଟଣା ରବିବାର ମଧ୍ୟରାତ୍ରି ସମୟରେ ୧୪୩ ନମ୍ବର ଜାତୀୟ ରାଜପଥର ଯମୁନାନାଖି ନିକଟରେ ଘଟିଥିବା ଜଣାପଡ଼ିଛି। ଏକ ଦ୍ରୁତଗାମୀ କାର ରାସ୍ତା କଡ଼ରେ ଥିବା ଏକ ଢାବା ଉପରକୁ ଚଢ଼ିଯିବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ବୀରମିତ୍ରପୁର ପଟୁ ଆସୁଥିବା ଏକ କ୍ରିଏଟା କାର ଅତ୍ୟଧିକ ବେଗରେ ଚଳାଯାଉଥିଲା କିନ୍ତୁ ଯମୁନାନାଖି ନିକଟରେ ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ କାରଟି ସିଧାସଳଖ ରାସ୍ତା ପାଖରେ ଥିବା 'ସୋନୁ ଢାବା' ଉପରକୁ ମାଡ଼ିଯାଇଥିଲା। ଦୁର୍ଘଟଣା ଏତେ ବେଶି ଥିଲା ଯେ ଢାବାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା।

# ୧୪ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି

ଭୁବନେଶ୍ୱର,୬।୪(ମହାଭାରତ):ପ୍ରାୟ ୬ମାସ ପରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କମ୍ଭମପାଟି ଆଜି ଏକସଙ୍ଗେ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନାମ ଘୋଷଣା କରିଛନ୍ତି। ଲୋକଭବନ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ,ଓଡିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଓ ଓଡିଆ ବିଶ୍ୱବିଦ୍ୟାଳୟ ଆଇନ ୨୦୧୭ର ବିଭିନ୍ନ ଧାରାରେ କୁଳପତିମାନଙ୍କୁ ଏହି ନିଯୁକ୍ତି ମିଳିଛି ।ଲୋକଭବନ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟର ପ୍ରତିଷ୍ଠିତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କୁ ଦାୟିତ୍ୱ ମିଳିଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ରଙ୍କୁ ଅବସ୍ଥାପିତ କରାଯାଇଛି । ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପୁନଃନିଯୁକ୍ତି ପାଇଛନ୍ତି।

ସେହିପରି କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ସଞ୍ଜୟ କୁମାର ପାତ୍ର, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଥିବାବେଳେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅସୀମା ସାହୁଙ୍କୁ କୁଳପତି ଭାବେ ଅବସ୍ଥାପିତ କରାଯାଇଛି ।

ସେହିପରି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କୁ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଓ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କୁଳପତି, ବିଭୂତିଭୂଷଣ ମଲ୍ଲିକଙ୍କୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ଓ ହୃଷିକେଶ ସେନାପତିଙ୍କୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି।

ସେହିପରି କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ସିବାରାମ ତ୍ରିପାଠୀ, ଭୁବନେଶ୍ୱରର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଜ୍ୟୋସ୍ନା କେବି ରାଉତ ଓ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି ।ସେହିପରି ଓଡିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ ସାକ୍ଷୀଗୋପାଳସ୍ଥିତ ଓଡିଆ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ କାର୍ଯ୍ୟ କରିବେ ବୋଲି ଲୋକଭବନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରେସିଡେଣ୍ଟ କଲର ଆୱାର୍ଡ ପାଇଁ ଓଡ଼ିଶା ଆସିବେ ରାଷ୍ଟ୍ରପତି

ଭୁବନେଶ୍ୱର,୬।୪(ମହାଭାରତ): ଓଡିଶା ପୋଲିସ ପାଇଁ ଆସୁଛି ଗର୍ବର ମୁହୂର୍ତ୍ତ। ରାଜ୍ୟ ପୋଲିସ ଖୁବଶୀଘ୍ର ଭାବେ ପାଇବାକୁ ଯାଉଛି ଦେଶର ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର 'ପ୍ରେସିଡେଣ୍ଟ କଲର୍ ଆୱାର୍ଡ' । ଏହି ଗୌରବମୟ ସମ୍ମାନ ଦେବା ପାଇଁ ନିଜେ ଓଡ଼ିଶା ଆସିବେ ଭାରତର ରାଷ୍ଟ୍ରପତି। ଏହାକୁ ନେଇ ପୋଲିସ ବିଭାଗରେ ଉତ୍ସାହ ଓ ପ୍ରସ୍ତୁତି ଜୋରଦାର ହୋଇପଡ଼ିଛି। 'ପ୍ରେସିଡେଣ୍ଟ କଲର୍ ଆୱାର୍ଡ' ହେଉଛି ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସାମରିକ ୟୁନିଟ୍, ପୋଲିସ ବଳ କିମ୍ବା ତାଲିମ ପ୍ରତିଷ୍ଠାନକୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ଦୀର୍ଘଦିନ ଧରି ଦେଶସେବା, ସାହସିକତା, ଶୃଙ୍ଖଳା ଓ ପ୍ରଫେସନାଲିଜ୍ମର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହା ଦିଆଯାଏ। ଏହା କେବଳ ଏକ ପୁରସ୍କାର ନୁହେଁ, ବରଂ ଏକ ଐତିହାସିକ ପରିଚୟ ଓ ଗୌରବର ପ୍ରତୀକ ଭାବେ ମନାଯାଏ।ଏହି ସମ୍ମାନ ସହ ଏକ ଆନୁଷ୍ଠାନିକ ପତାକା ମଧ୍ୟ ପ୍ରଦାନ କରାଯାଏ, ଯାହା ସଂସ୍ଥାର ଉତ୍କର୍ଷତାକୁ ପ୍ରତିବିମ୍ବିତ କରେ। ସେହିପରି, ପୋଲିସ ଅଧିକାରୀମାନେ ଏହାର ପ୍ରତୀକ ଭାବରେ ନିଜ ୟୁନିଫର୍ମର ବାମ ପାର୍ଶ୍ୱରେ ବିଶେଷ ବ୍ୟାଜ୍ ପିନ୍ଧିବେ, ଯାହା ସେମାନଙ୍କ ସେବାର ଗରିମାକୁ ଆହୁରି ବଢ଼ାଇବ। ଏହି ବିଶାଳ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୋଲିସ ମୁଖ୍ୟାଳୟରେ ଚାଲିଛି ଜୋରଦାର ପ୍ରସ୍ତୁତି। ଡିଜିପିଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ପୋଲିସ ସେବା ଭବନ ସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ହୋଇଥିବା ଏହି ବୈଠକରେ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇ ପ୍ରସ୍ତୁତି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

ବୈଠକରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି କମ୍ୟୁନିକେସନ ଦୟାଲ ଗଙ୍ଗୱାର, ଏଡିଜି ଆଣ୍ଟି ନକ୍ସଲ ଅପରେସନ ସଂଜୀବ ପଣ୍ଡା, ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସହିତ ଅନ୍ୟାନ୍ୟ ଶୀର୍ଷ ଅଧିକାରୀ ଉପସ୍ଥିତ ଥିଲେ ।ଓଡିଶା ପୋଲିସ ପାଇଁ ଏହି ସମ୍ମାନ କେବଳ ଏକ ଉପଲବ୍ଧି ନୁହେଁ, ବରଂ ଆଗାମୀ ଦିନରେ ଅଧିକ ଦୃଢ଼ତା ସହ କାର୍ଯ୍ୟ କରିବାକୁ ଏକ ନୂତନ ପ୍ରେରଣା। ଏହା ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସକ୍ରିୟ ଓ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ । କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ । ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ । ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ । ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ । ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ । ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ । ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ । ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ । ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ । କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା ।



### ଖବର

## ବିବାହର ୧୦ ବର୍ଷ ପରେ ମା' ହେବେ ଦିବ୍ୟାଙ୍କା



ଟିଭି ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ନାୟିକା ଦିବ୍ୟାଙ୍କା ତ୍ରିପାଠୀଙ୍କ ଘରକୁ ଖୁବଶୀଘ୍ର କୁନି ଅତିଥି ଆସିବେ । ବିବାହର ୧୦ ବର୍ଷ ପରେ ଦିବ୍ୟାଙ୍କା ମା' ହେବେ । ଆଉ ଏଥିପାଇଁ ଦିବ୍ୟାଙ୍କାଙ୍କ ଖୁସି କହିଲେ ନ ସରେ ।ଦିବ୍ୟାଙ୍କା ଏବଂ ବିବେକ ଆସିବାକୁ ଥିବା କୁନି ଅତିଥିକୁ ନେଇ ବେଶ୍ ଉତ୍ସାହିତ ରହିଛନ୍ତି । ଆଉ ଏଥିପାଇଁ ବେବି ଶାୱର ସେରିମନି କରାଯାଇଛି । ଯାହାର ଫଟୋ ଅଭିନେତ୍ରୀ ଜଣକ ଇନଷ୍ଟାରେ ନୂଆ ଭିଡିଓ ପକାଇଛନ୍ତି ।ବେବି ଶାୱର ସେରିମନିରେ ଦିବ୍ୟାଙ୍କା ଗ୍ରୀନ କଲର ଶାଢି ପିନ୍ଧି ଲାଲ ରଙ୍ଗର ଓଢଣୀ ପକାଇଛନ୍ତି । ବିବେକ ଦିବ୍ୟାଙ୍କାଙ୍କୁ ନୀଳ ରଙ୍ଗର ଚୁଡି ପିନ୍ଧାଉଛନ୍ତି । ଅନ୍ୟ ଅତିଥିମାନେ ଅଭିନେତ୍ରୀକୁ ଉପହାର ଦେଇଛନ୍ତି । ଦିବ୍ୟାଙ୍କାଙ୍କ ଉପରେ ତାଙ୍କର ଘର ଲୋକ ପଇସା ବର୍ଷା କରିଛନ୍ତି । କୁନି ପିଲାକୁ ନେଇ ବିବେକ ବେଶ୍ ଖୁସି ରହିଛନ୍ତି । ଉତ୍ସବରେ ସବୁ ଲୋକ ନାଚୁଥିବାର ନଜର ଆସିଛନ୍ତି । ଦିବ୍ୟାଙ୍କା ବେବିବମ୍ପ ଧରି ଡ୍ୟାନ୍ସ କରୁଛନ୍ତି ।ଏହି ଭିଡିଓ ସେୟାର କରି ଅଭିନେତ୍ରୀ ଜଣକ ଲେଖିଛନ୍ତି, କ'ଣ ହେବ ଯେତେବେଳେ ଆପଣଙ୍କ ପରିବାର, ଭଲପାଇବା ଏବଂ ପାଗଳପଣ ସବୁକିଛି ମିକ୍ସ ହୋଇଯିବ ।ଦିବ୍ୟାଙ୍କା ଏବଂ ବିବେକ ୨୦୧୬ରେ ବିବାହ କରିଥିଲେ । ୪୧ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି ଦିବ୍ୟାଙ୍କା । ଦିବ୍ୟାଙ୍କା ଦୀର୍ଘଦିନରୁ କୌଣସି ଶୋରେ ନଜର ଆସିନାହାନ୍ତି । କାମରୁ ବ୍ରେକ ନେଇ ଦିବ୍ୟାଙ୍କା ଏବେ ମାତୃତ୍ୱ ଉପରେ ଫୋକସ କରୁଛନ୍ତି ।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି । ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ । ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ । ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା ।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ । ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ୍ୟ ତିଆରିକରି ପାରିବେ । ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ । ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ । ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ । ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ୍ୟ ପ୍ରସ୍ତୁତ କରିପାରିବେ ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ । ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ୍ୟ ସୁସ୍ଥ ରହିଥାଏ ।



## ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା । କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ । ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି । ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି । ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସ୍ଥଳ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି । ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା । ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ । ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି । ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି । ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି । ଟପ ଫାଇଭ



ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି । ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି । ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ୍ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି । ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢିବାରେ ଲାଗିଛି । ବିଶେଷ କରି ସହରରେ । ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି । ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ । ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି । ସେ ଆହୁରି କହିଛନ୍ତି ଯେ ପାହାଡ ମଧ୍ୟରେ ହୋମ ଷ୍ଟେକୁ ମଧ୍ୟ ବେଶୀ ପସନ୍ଦ କରାଯାଉଛି ।

## କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି



ଭାରତୀୟ ବିବାହରେ ହଳଦୀ, ମେହେନ୍ଦି, ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ । ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ । ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି । ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ ।

କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ । ଏହି ରୀତି କେବଳ ଏକ 'ଫଟୋ ମୁହୂର୍ତ୍ତ' ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ । କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି ।

ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି । ଶାସ୍ତ୍ରଜ୍ଞଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡ଼ିତ । ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି ?

ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ । କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ । ବରଣମାଳା ରୀତି ମଧ୍ୟ ସମାନ ଭାବରେ ପବିତ୍ର । ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି । କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ ।

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, 'ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି ।' ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, 'ମୁଁ ମଧ୍ୟ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି ।'

ଶାସ୍ତ୍ରଜ୍ଞଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ । ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ ।

ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି । ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ ।

ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ । ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ ।

'ହଁ' କହିବାର ଏକ ଉପାୟ


ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ 'ହଁ' କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା । ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ । ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି । ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ ।

ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ ।

ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ 'ମଜାଦାର ମୁହୂର୍ତ୍ତ' ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ । ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ ।

## ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା



ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

# ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହୁଅ

**ଭୁବନେଶ୍ୱର, ୬।୪ (ମହାଭାରତ):** ସ୍ନାତକମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଏପ୍ରିଲ ୪ତାରିଖ ଶନିବାର ଦିନ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟ (ଆଇଆଇଏମ) ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତନ ଉତ୍ସବରେ ଯୋଗଦେଇ ଭାରତରେ ଉଦ୍ୟମିତା ଏବଂ ନବସୃଜନର ବର୍ଦ୍ଧିତ ସୁଯୋଗ ଉପରେ ଆଲୋକପାତ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ସମାବର୍ତନ ଉତ୍ସବରେ ରାଜ୍ୟପାଳ ଉଦବୋଧନ ଦେଇ ଦେଶରେ 'ଅଭୂତପୂର୍ବ ଷ୍ଟାର୍ଟଅପ୍ ବିପ୍ଲବ' ଉପରେ ଆଲୋକପାତ କରି ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ୍ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ଭଳି ପ୍ରମୁଖ ପଦକ୍ଷେପ ଦ୍ୱାରା ଏହା ପରିଚାଳିତ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସ୍ଥିର ଭାବରେ ଷ୍ଟାର୍ଟଅପ୍, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ବିଶ୍ୱରେ ଏକ କେନ୍ଦ୍ର ଭାବରେ ଉଭା ହୋଉଛି ଯାହା ପାଣ୍ଠି, ପରାମର୍ଶ ଏବଂ ନୀତି ସମର୍ଥନର ଏକ ଦୃଢ଼ ଇକୋସିଷ୍ଟମ୍ ଦ୍ୱାରା ସମର୍ଥିତ ହୋଇଛି।




ପ୍ରତିଷ୍ଠାନର କାର୍ଯ୍ୟାବଳୀକୁ ରାଜ୍ୟପାଳ ପ୍ରଶଂସା ପ୍ରକାଶ କରି ଆଇଆଇଏମ୍ ସମ୍ବଲପୁରକୁ ନବସୃଜନ, ସମାବେଶୀ ଏବଂ ଶୈକ୍ଷିକ ଉତ୍କର୍ଷତାର ପ୍ରତୀକ ଭାବରେ ବର୍ଣ୍ଣନା କରିଥିଲେ, ଯାହା ସାଂସ୍କୃତିକ ଐତିହ୍ୟକୁ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିକ୍ଷା ସହିତ ସମିଶ୍ରଣ କରିଛି । ଏମବିଏ, ଏକଜିକ୍ୟୁଟିଭ୍ ଏମବିଏ, ଏମବିଏ ଫର ୱାରକିଂଗ ପ୍ରଫେସନାଲ ସ୍ନାତକମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇଥିଲେ ଏବଂ ଅଧ୍ୟାପକ ଓ ଅଭିଭାବକଙ୍କ ଅବଦାନକୁ ମଧ୍ୟ ପ୍ରଶଂସା କରିଥିଲେ।

ଏତଦବ୍ୟତୀତ ଏହି ସମାବର୍ତନ ଉତ୍ସବ ସଫଳତା ଏବଂ ଦାୟିତ୍ୱ ଉଭୟକୁ ଚିହ୍ନିତ କରେ ବୋଲି ରାଜ୍ୟପାଳ କହିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନକୁ ସଚ୍ଚୋଟତା ଏବଂ ଉଦ୍ଦେଶ୍ୟ ସହିତ ବିଶ୍ୱର ବାସ୍ତବ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପ୍ରୟୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ସମୟ ଓ ପ୍ରଯୁକ୍ତିବିଦ୍ୟା ସହ ତାଳଦେଇ ଚାଲିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ନୋକିଆ କମ୍ପାନୀର ଉଦାହରଣ ଦେଇ ପ୍ରଯୁକ୍ତିବିଦ୍ୟା ପରିବର୍ତନ ସହିତ ତାଳ ଦେଇ ନପାରିବା କାରଣରୁ ବଜାର ପ୍ରାଧାନ୍ୟ ହରାଇଥିଲା ବୋଲି କହିଥିଲେ । ସେହିପରି ପରାଗ ଅଗ୍ରୱାଲଙ୍କ କଥା ମଧ୍ୟ ଉଲ୍ଲେଖ କରିଥିଲେ।, ଟ୍ୱିଟରର ନେତୃତ୍ୱରୁ ହଟିଯିବା ପରେ ତାଙ୍କ ସ୍ଥିରତା ଏବଂ ନୂତନ ଉଦ୍ୟମ ମାଧ୍ୟମରେ ପୁନଃନିର୍ମାଣ ପାଇଁ ତାଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଏହିପରି ଉଦାହରଣ ଦର୍ଶାଇ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଅସଫଳତା ପରିବର୍ତ୍ତନକରି ନୂତନତ୍ୱ ଆଣିପାରେ ଏବଂ ଅଭିବୃଦ୍ଧିକୁ ସୁଯୋଗରେ ପରିଣତ କରିପାରେ ବୋଲି ରାଜ୍ୟପାଳ କହିଥିଲେ ।

ଓଡ଼ିଶା ଶିକ୍ଷ ଅଭିବୃଦ୍ଧି ଏବଂ ଉଦ୍ୟୋଗ କ୍ଷେତ୍ରରେ ଏକ କେନ୍ଦ୍ର ଭାବରେ ଉଭାହେବା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ ଏବଂ ଉତ୍ପାଦନ, ଖଣି, ବୟନଶିଳ୍ପ, ଆଇଟି ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି ବୋଲି କହିଥିଲେ । ଏହି ସୁଯୋଗଗୁଡ଼ିକୁ ସଦୁପଯୋଗ କରି ରାଜ୍ୟର ବିକାଶରେ ଯୋଗଦାନ ଦେବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କୃତ୍ରିମ ବୁଦ୍ଧିମତା, ହାଇବ୍ରିଡ୍ କାର୍ଯ୍ୟ ମଡେଲ୍, ସ୍ଥାୟୀତ୍ୱ ଏବଂ ନୈତିକ ଶାସନ ସମେତ ବିକାଶଧାରା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରି ନେତୃତ୍ୱ ପାଇଁ ସହାନୁଭୂତିଶୀଳତା, ଗ୍ରହଣୀୟତା ଏବଂ ଭାବପ୍ରବଣ ବୁଦ୍ଧିମତାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ପ୍ରତିଷ୍ଠାନ ଏହାର ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଆହୁରି ଅଧିକ ମଜବୁତ କରିବାପାଇଁ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ ।

# ଦେବ୍ରିଗଡ଼ ଇକୋଟୁରିଜମ୍‌ର ୬ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ

**ଭୁବନେଶ୍ୱର, ୬।୪ (ମହାଭାରତ):** ଦେବ୍ରିଗଡ଼ ଇକୋଟୁରିଜମ୍ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରିଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାଗୁ ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲେଖ କରିଛନ୍ତି । ଏକ୍ସରେ ପୋଷ୍ଟ କରି କେନ୍ଦ୍ରମନ୍ତ୍ରୀ ଲେଖିଛନ୍ତି ୨୦୨୫-୨୬ ଆର୍ଥିକ ବର୍ଷରେ ଦେବ୍ରିଗଡ଼ ଇକୋଟୁରିଜମ୍ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ସଂଗ୍ରହ କରି ଏକ ଅଭୂତପୂର୍ବ ସଫଳତା ହାସଲ କରିଛି, ଯାହା ଗତ ବର୍ଷ ତୁଳନାରେ ପାଖାପାଖି ୧ କୋଟି ଟଙ୍କା ଅଧିକ । ଦେଶ ଓ ବିଦେଶରୁ ପ୍ରାୟ ୧.୪ ଲକ୍ଷ ପର୍ଯ୍ୟଟକ ଏହି ସ୍ଥାନକୁ ଆସିବା ଓଡ଼ିଶାର ପର୍ଯ୍ୟଟନ ପାଇଁ ଗର୍ବ ଓ ଗୌରବର ବିଷୟ ।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଖୋ ଅପନା ଦେଶ ଓ ପର୍ଯ୍ୟଟନ ବିକାଶର ଦୂରଦୃଷ୍ଟି ଆଜି ଦେବ୍ରିଗଡ଼ରେ ବାସ୍ତବ ରୂପ ନେଇଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହଯୋଗରେ ଓଡ଼ିଶା ଇକୋ-ଟୁରିଜମ୍ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ପ୍ରକୃତି ହୋମ-ଷ୍ଟେ 'ଧୋଡ୍ରୋକୁସୁମ୍' ଭଳି ଅଭିନବ ପରିକଳ୍ପନା ରାଜସ୍ୱ ବୃଦ୍ଧି ସମେତ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିଛି ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଠାଗାର ଉଦଘାଟିତ

**ଭୁବନେଶ୍ୱର, ୬।୪ (ମହାଭାରତ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନୂତନ ପାଠାଗାରକୁ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଉଦଘାଟନ କରିଛନ୍ତି । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପାଠାଗାରରେ ଥିବା ସମ୍ବିଧାନ ପୁସ୍ତକର କିଛି ପୃଷ୍ଠା ପଢ଼ିବା ସହ ପାଠାଗାରର ପ୍ରଥମ ପାଠକ ଭାବେ ରେଜିଷ୍ଟରରେ ମନ୍ତବ୍ୟ ଲେଖିବା ସହ ଦସ୍ତଖତ କରିଥିଲେ । ରାଜସ୍ୱ ବିଭାଗରେ ଏହି ପାଠାଗାର ବିଭାଗୀୟ ଅଧିକାରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଉଭୟ ବ୍ୟକ୍ତିଗତ ଏବଂ ପ୍ରଶାସନିକ ସ୍ତରରେ ଖୁବ୍ ଉପଯୋଗୀ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପାଠାଗାରରେ କମ୍ପ୍ୟୁଟର ମାଧ୍ୟମରେ ଡିଜିଟାଲ୍ ପାଠାଗାର ସୁବିଧା ଉପଲବ୍ଧ ହେବା ସହ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ମାଧ୍ୟମରେ ବିଭିନ୍ନ ଅନନ୍ୟ ଓଡ଼ିଆ ସାହିତ୍ୟ ପୁସ୍ତକ ଉପଲବ୍ଧ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ଆବଶ୍ୟକୀୟ ସୂଚନା, ପୁସ୍ତକ ତଥା ପ୍ରଶାସନିକ ବିଷୟ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ସର୍କୁଲାର୍ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ଉପଲବ୍ଧ ହେବା ସହ ପ୍ରଶାସନିକ କାର୍ଯ୍ୟରେ ସହାୟକ ହେବ ବୋଲି



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଧିକାରୀମାନେ ସ୍ୱଲିଖିତ ପୁସ୍ତକ ସହ ଅନ୍ୟାନ୍ୟ ଉପାଦେୟ ପୁସ୍ତକ ମଧ୍ୟ ପାଠାଗାରକୁ ପ୍ରଦାନ କରିପାରିବେ ବୋଲି ରାଜସ୍ୱ ସଚିବ ଆଗ୍ରହ ପ୍ରକାଶ କରିଛନ୍ତି ।

ପାଠାଗାରରେ ଶୃଙ୍ଖଳା ବଜାୟ ରଖିବା ସହ ଏହାର ସର୍ବୋତ୍ତମ ବ୍ୟବହାର ନିମନ୍ତେ ପାଠାଗାରରେ ମୋବାଇଲ୍ ଫୋନ୍ ର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି । ନୂଆ ପାଠାଗାର ଉଦଘାଟନ ଅବସରରେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଶୋଷଣ କରିଛି ପୋଲିସ୍

**ଭୁବନେଶ୍ୱର, ୬।୪ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ୨୦୨୫ ଜୁନ୍ ମାସରେ ଜଣେ ମହିଳାଙ୍କ ସହଚି ହୋଇଥିବା ଦୁଷ୍କର୍ମ ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତା ଜଣକ ନ୍ୟାୟ ପାଇବା ପାଇଁ ବାରମ୍ବାର ପୋଲିସ୍ର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ । ପୋଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ତାଙ୍କୁ ଶୋଷଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ବିଜୁ ଯୁବ ଜନତା ଦଳର ସେକ୍ରେଟାରୀ ଜେନେରାଲ ସୋଫିଆ ଆଲାମ ରାଜ୍ୟରେ ଦୁଷ୍କର୍ମ ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ବେଳେ ପୋଲିସ୍ ପ୍ରଶାସନର ଅପରାଗ ପଣିଆ ପାଇଁ ପୀଡ଼ିତା ନ୍ୟାୟ ପାଇବା ପରିବର୍ତ୍ତେ, ଶୋଷଣର ଶିକାର ହେବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଘଟଣାକୁ ନେଇ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି ।



ରାଜ୍ୟରେ ପୋଲିସ୍ ପ୍ରଶାସନ ମହିଳାଙ୍କୁ ନ୍ୟାୟ ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ, ୨୦୨୫ ମସିହାରେ ଦୁଷ୍କର୍ମର ଶିକାର ହୋଇଥିବା ମହିଳାଙ୍କ ପାଖରୁ ଭରତପୁର ଥାନାର ଏସ୍ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଳ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର ସତୀଶ ରାଓ ତଦନ୍ତ ଆଳରେ ତାଙ୍କ ଠାରୁ ଟଙ୍କା ନେବା ସହ ଆସାମୀକୁ ଧରିବା ବାହାନରେ ବିମାନ ଯାତ୍ରା କରିବା ପାଇଁ ଟିକେଟ ନେଇଥିଲେ । ରାତି ଅଧରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ନେଗେଟିଭ ଫେବର ମାଗିଥିଲେ । ଏ ସମସ୍ତ ଘଟଣାରୁ ଜଣାପଡୁଛି ପୋଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଇଛି । ପୋଲିସ୍ ପାଖରୁ ନିରାଶ ହେବା ପରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ । ଏହି ଘଟଣାରେ ପୋଲିସ୍ ଡିଜି ଅବଗତ ଅଛନ୍ତି କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ଶେଷରେ ବାଧ୍ୟ ହୋଇ ପୀଡିତା ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ । ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଛି । ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ପୋଲିସ୍ ଅଧିକାରୀ ମାନଙ୍କୁ ଚାକିରିରୁ ବହିଷ୍କୃତ କରାଯାଉ । ଦୁଷ୍କର୍ମ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜୁ ଜନତା ଦଳ ଦାବି କରୁଛି । ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଏ ଲଢ଼େଇ ଜାରି ରଖିବ ।

# ଇଣ୍ଡିଆ ସ୍କିଲ୍ସ ପ୍ରତିଯୋଗିତାରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

**ଭୁବନେଶ୍ୱର, ୬।୪ (ମହାଭାରତ):** 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। 'ଟିମ୍ ଓଡ଼ିଶା' ଏହି ପ୍ରତିଯୋଗିତାରେ ୧୫ଟି ସ୍ୱର୍ଣ୍ଣ ସହ ମୋଟ ୫୭ଟି ପଦକ ହାସଲ କରି ଚାମ୍ପିୟନ ହୋଇଛି। ଗୁରୁବାର ଦିନ ଗ୍ରେଟର ନୋଏଡାର 'ଇଣ୍ଡିଆ ଏକ୍ସପୋ ସେଣ୍ଟର'ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଫଳ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। 'ଇଣ୍ଡିଆ ସ୍କିଲ୍ସ'ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।''ଇଣ୍ଡିଆ ସ୍କିଲ୍ସ ଭଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ 'ଟିମ୍ ଓଡ଼ିଶା' ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଏହା ଆମ ରାଜ୍ୟ



ପାଇଁ ଗୌରବର ବିଷୟ। ଏହି ସଫଳତା ପଛରେ ଆମ ରାଜ୍ୟର ଦକ୍ଷ ପ୍ରଶିକ୍ଷଣ ପ୍ରଣାଳି, ମେଂଟରସିପ୍ ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ରର ଦୃଢ଼ ସହଯୋଗର ପ୍ରତିଫଳନ ଦେଖିବାକୁ ମିଳିଛି। ଏହା ଯୁବପିଢ଼ିଙ୍କ ଦକ୍ଷତାକୁ ଆହୁରି ଶାଣିତ କରିବା ସହ ସେମାନଙ୍କୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେଉଛି,'' କହିଛନ୍ତି ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। 'ଟିମ୍ ଓଡ଼ିଶା'ର ପ୍ରତିଯୋଗୀମାନେ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଭାଗୀୟ କମିଶନର ତଥା ସଚିବ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ମଧ୍ୟ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ଇଣ୍ଡିଆ ସ୍କିଲ୍ସ ୨୦୨୫-୨୬' ପ୍ରତିଯୋଗିତାରେ ଓଡ଼ିଶାରୁ ୯୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣ ସ୍ୱର୍ଣ୍ଣ, ୧୨ ଜଣ ରୌପ୍ୟ ଏବଂ ୧୪ ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୧୬ ଜଣଙ୍କୁ 'ମେଡାଲିୟନ୍ସ ଫର ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇଛି। ଚଳିତବର୍ଷ ନାସନାଲ ସ୍କିଲ ଡେଭଲପମେଣ୍ଟ କାଉନ୍ସିଲ (ଏନଏସଡିସି) ପକ୍ଷରୁ 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା ଦେଶର ୫ଟି କେନ୍ଦ୍ରରେ ଆୟୋଜନ କରାଯାଇଥିଲା। ସେଥିରୁ ଓଡ଼ିଶା, ଗୁଜରାଟ, ତାମିଲନାଡୁ ଓ କର୍ଣ୍ଣାଟକର ଅଫସାଇଟ୍ କେନ୍ଦ୍ର ଏବଂ ଗ୍ରେଟର ନୋଏଡାରେ ଗୋଟିଏ ଅନସାଇଟ୍ କେନ୍ଦ୍ରରେ ପ୍ରତିଯୋଗିତାଗୁଡ଼ିକ ଆୟୋଜିତ ହୋଇଥିଲା। ଦେଶର ଯୁବପିଢ଼ିଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ବଡ଼ ପ୍ଲାଟଫର୍ମ ହେଉଛି 'ଇଣ୍ଡିଆ ସ୍କିଲ୍ସ' ପ୍ରତିଯୋଗିତା। ସ୍କିଲ୍ସ' ପ୍ରତିଯୋଗିତାରେ ଭାଗ ନେବେ।

# ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରଛାତ୍ରୀଙ୍କୁ ମିଳୁନି ବହି କି ପୋଷାକ : କଂଗ୍ରେସ

**ଭୁବନେଶ୍ୱର, ୬।୪ (ମହାଭାରତ):** ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଥିଲେ ମଧ୍ୟ ରାଜ୍ୟରେ ଅନେକ ସ୍କୁଲରେ ଛାତ୍ରଛାତ୍ରୀମାନେ ଏ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ କିମ୍ବା ପୋଷାକ ପାଇପାରିନାହାନ୍ତି। ବହି ଅଭାବରୁ ପାଠପଢ଼ା ଆରମ୍ଭ ହୋଇପାରିଲା ନାହିଁ। ପୋଷାକ ବିନା ମଧ୍ୟ ଛାତ୍ରଛାତ୍ରୀମାନେ ସ୍କୁଲକୁ ଯାଇପାରୁ ନାହାନ୍ତି। କିନ୍ତୁ ସରକାର ଉତ୍ସବରେ ମାତିଛନ୍ତି। "ପ୍ରବେଶ ଉତ୍ସବ" ଓ "ଖଡ଼ିଛୁଆଁ ଉତ୍ସବ" ପାଇଁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ଶିକ୍ଷାବିଭାଗର ଅଧିକାରୀମାନେ ଉତ୍ସବମୁଖରିତ ହୋଇପଡ଼ିଛନ୍ତି। ଏହା ବାସ୍ତବ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପ୍ରବକ୍ତା କୃଷ୍ଣଚନ୍ଦ୍ର ପତି କହିଛନ୍ତି ଭାବରେ ଶ୍ରେଣୀ ଗୃହର ଅଭାବ, ଶିକ୍ଷକଙ୍କର ଅଭାବ, ବିଦ୍ୟୁତ ସଂଯୋଗର ଅଭାବ, ପିଇବାପାଣିର ଓ ଶୌଚାଳୟର ଅଭାବ ଦର୍ଶାଉଛି ଯେ ସରକାର ଛାତ୍ରଛାତ୍ରୀମାନଙ୍କୁ ନିତ୍ୟାବଶକୀୟ ମୌଳିକ ସୁବିଧା ଯୋଗାଇବାରେ କିଭଳି ବିଫଳ ହୋଇଛନ୍ତି। ଗତ ଶିକ୍ଷାବର୍ଷରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୧୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଫର୍ମଫିଲପ୍ କରିମଧ୍ୟ ପରୀକ୍ଷା ଦେବାରୁ ଅନୁପସ୍ଥିତ ରହିଥିଲେ। ଏହା ହେଉଛି ସରକାରୀ ତଥ୍ୟ କିନ୍ତୁ ବାସ୍ତବ ତଥ୍ୟ ଏହାଠାରୁ ଭିନ୍ନ। ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ ସ୍କୁଲ ଡ୍ରପଆଉଟ୍ ହାରକୁ ନେଇ ସରକାର ରଖୁଥିବା ତଥ୍ୟ ଏବଂ ବାସ୍ତବ ଚିତ୍ର ମଧ୍ୟରେ ଅନେକ ପାର୍ଥକ୍ୟ ରହୁଛି। ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ମାଗଣାରେ ପୁସ୍ତକ ଓ ପୋଷାକ ବଂଟନର ବ୍ୟବସ୍ଥା ଥିଲେ ମଧ୍ୟ ଗତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନେ ଆରମ୍ଭରୁ ୬ ମାସ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ଓ ବୋର୍ଡ ପରୀକ୍ଷା ପର୍ଯ୍ୟନ୍ତ ପୋଷାକ ପାଇପାରିଲେ ନାହିଁ। ରାଜ୍ୟରେ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ୭୦୦ ଟଙ୍କାର ବହିପତ୍ର ୭୦୦୦ ରେ ବିକ୍ରୀ ହେବା ଦୁର୍ଭାଗ୍ୟଜନକ ଓ ଏସବୁ ଜାଣି ମଧ୍ୟ ସରକାର ଆଖିବୁଜି ଦେବା କେଉଁଠି ନା କେଉଁଠି ଘରୋଇ ଶିକ୍ଷାନୁଷ୍ଠାନ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଦର୍ଶାଉଛି। ତେଣୁ ଚଳିତ ବର୍ଷ ସିବିଏସଇ ବୋର୍ଡ ଓ ରାଜ୍ୟବୋର୍ଡ ଅଧିନରେ ମାଟ୍ରିକ ପରୀକ୍ଷା ଦେବାପାଇଁ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏପର୍ଯ୍ୟନ୍ତ ବହି ଖୋଲାବଜାରରୁ କିଣିପାରୁ ନାହାନ୍ତି, ଯଦିଓ ସେମାନଙ୍କର କ୍ଲାସ ଗତ ୧୫ ଦିନ ତଳୁ ଆରମ୍ଭ ହେଲାଣି।

# ବିଏଲଓ କର୍ତବ୍ୟରେ ଅବହେଳା ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ଭୁବନେଶ୍ୱର, ୬।୪ (ମହାଭାରତ):** ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜଣେ ସହକାରୀ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ-୧୩୭ କାଶିନଗର ବ୍ଲକ ପୋଲିଂ ଷ୍ଟେସନ୍ ସଂଖ୍ୟା ୧୧୦-ସିଦ୍ଧାମଡଙ୍ଗ ଅଧିନ ବୁଥ୍ ସ୍ତରୀୟ ଅଧିକାରୀ ରାମାନୁଜ ଦାସ ଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସୂଚନା ଅନୁଯାୟୀ, ରାମାନୁଜ ଦାସଙ୍କୁ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ନଂ ୧୩୭ ର ବୁଥ୍ ନଂ ୧୧୦ ପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଭାବେ ନିଯୁକ୍ତ କରାଯାଇଥିଲା। ସେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ଭୋଟର ତାଲିକାର ସଠିକତା ଓ ସତ୍ୟନିଷ୍ଠା ନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ। ତେବେ ଅଭିଯୋଗ ଅନୁଯାୟୀ, ସେ କୌଣସି ବୈଧ କାରଣ ବା ପୂର୍ବ ଅନୁମତି ବିନା ଦାୟିତ୍ୱରେ ଅନୁପସ୍ଥିତ ରହିବା ସହିତ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ପର୍କିତ କାର୍ଯ୍ୟ ନିଷ୍ଠାର ସହ ନିର୍ବାହ କରିବାରେ ବିଫଳ ହୋଇଥିଲେ ଯାହା କର୍ତବ୍ୟ ପାଳନ କରିବାରେ ଗୁରୁତର ଅବହେଳା ଓ କର୍ତବ୍ୟଚ୍ୟୁତି ଭାବେ ଗଣାଯାଇଛି। ଗଜପତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ,ଆଇଏଏସ, ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଧାରା ୩୨(୧) ଆଧାରରେ ଏହି ନିଲମ୍ବନ ଆଦେଶ ଜାରି କରିଛନ୍ତି। ନିଲମ୍ବନ ସମୟରେ ଶ୍ରୀ ଦାସ କୌଣସି ପୂର୍ବ ଅନୁମତି ବିନା ତାଙ୍କ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ଏବଂ ନିୟମାନୁସାରେ ଭତା ପାଇବେ ବୋଲି ଆଦେଶରେ ଉଲ୍ଲେଖ ରହିଛି।

# ନିର୍ମାଣ ବିଭାଗ ଅଧିନସ୍ଥ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା

**ଭୁବନେଶ୍ୱର, ୬।୪ (ମହାଭାରତ):** ଭିତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି । ବର୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧିନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ବୈଠକରେ ଆଗାମୀ ତିନି ବର୍ଷ



ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱରେ ସର୍ବନିମ୍ନ ସୁବିଧା ପାଇଁ 'ୱେ ସାଇଡ୍ ଆମିନିଟି ସେଂଟର' ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଂଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଂ ସମୀର ହୋତା, ଉପଦେଷ୍ଟା ଜେ.କେ. ଦାସ, ଇଆଇସି, ରୋଡସ୍ ଇଂ ଧାନଚାନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଶ୍ରୀ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ମାରାତ୍ମକ ଭାରିଆଣ୍ଟ

ଉହାନର ଏକ ବଜାରରେ ପ୍ରଥମେ ଏହି କରୋନା ଭାଇରସରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା ଯେଉଁ ବଜାରରେ ଜଙ୍ଗଲୀ ଜନ୍ତୁଙ୍କ ମାଂସ ବିକ୍ରୀ ହୋଇଥାଏ । ଅନ୍ୟ କେତେକଙ୍କ ମତରେ ଉହାନସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି ଲ୍ୟାବରୁ ଉତ୍ପତ୍ତି ହୋଇଛି । ଏହି ଲ୍ୟାବରେ ଏଭଳି ଭାଇରସ ସମ୍ପର୍କରେ ଗବେଷଣା କରାଯାଇଥାଏ । ଅବଶ୍ୟ ଚୀନ ଏହାକୁ ଅସ୍ୱୀକାର କରି ଆସୁଛି, କିନ୍ତୁ ଏଭଳି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । କରୋନା ଭାଇରସ ଦ୍ୱାରା ସୃଷ୍ଟ ରୋଗକୁ କୋଭିଡ-୧୯ କୁହାଗଲା । ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ଲୋକ ଏଥିରେ ଆକ୍ରାନ୍ତ ହେଲେ । ଏହି ରୋଗରେ ଏତେ ଲୋକଙ୍କ ଜୀବନ ଗଲା ଯେ, ଏହି ସଂଖ୍ୟା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ । ଭାରତରେ ମଧ୍ୟ ଲକ୍ଷ ଲକ୍ଷ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ । ଏବେ ବି ଆମ ଭିତରେ ଏହି ଭାଇରସ ବଞ୍ଚି ରହିଛି । କୋଭିଡ ବିରୋଧରେ ବିଶ୍ୱବାସୀଙ୍କ ଲଢ଼େଇ ଜାରି ରହିଛି । ଏବେ ଏହା ପୁଣି ନୂଆ ରୂପରେ ଡରାଇବା ଆରମ୍ଭ କଲାଣି । ଗତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ସତର୍କ କରାଇଥିଲା ଯେ, କରୋନା ମହାମାରୀ ଦୂର ହୋଇନି । ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି । ଏହା ଏବେ ସତ ହେଲା ଭଳି ଲାଗୁଛି । କାଲି କରୋନା ଭାଇରସର ମ୍ୟୁଟେସନ ହୋଇ ଆହୁରି ଅଧିକ ମାରାତ୍ମକ ଭାରିଆଣ୍ଟ ନବାହାରିବ ବୋଲି କିଏ କହିବ ? ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି । ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି । ତେଣୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଯେଉଁମାନେ ବୁଷ୍ଟର ଡୋଜ ନେଇ ନାହାଁନ୍ତି ସେମାନେ ତୁରନ୍ତ ଏହା ନେଇଯିବା ଲାଗି ହୁ ପକ୍ଷରୁ ପରାମର୍ଶ ଦିଆଯାଇଛି । ଭାରତରେ ଅନେକ କୋଭିଡ ଟିକାର ବୁଷ୍ଟର ଡୋଜ ନେଇ ନାହାଁନ୍ତି । ଏବେ ପ୍ରତ୍ୟେକ ନାଗରିକ ଏହି ବୁଷ୍ଟର ଡୋଜ ନେଇଯିବା ଜରୁରୀ । ସ୍ମରଣ କରାଯାଇପାରେ ଯେ, ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା । ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି । ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି । ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି । କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି । ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି । ଏହା ସବୁ ଦିନ ପାଇଁ ରହିବ । କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ । କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି । କିନ୍ତୁ କୋଭିଡ ସମ୍ପୂର୍ଣ୍ଣ ଦୂର ହୋଇନି । ନିକଟରେ ଆମେରିକାରେ ଏହା ନୂଆ ରୂପରେ ଦୃଷ୍ଟିଗୋଚର ହୋଇଛି ଏହାର ।ନାମ ହେଲା ବି.ଏ.୩.୨ । ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଂଠ ଯୋଗୁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି । ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆଂଠ ଯୋଗୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । କରୋନା ଭାଇରସର ମ୍ୟୁଟେସନରୁ ନୂଆ ଭାରିଆଂଠ ସୃଷ୍ଟି ହୋଇ ମୃତ୍ୟୁର ଲହର ସୃଷ୍ଟି କରିଥିଲା । ଏହା ସିଧାସଳଖ ମଣିଷରୁ ଫୁସଫୁସକୁ ସଂକ୍ରମିତ କରୁଥିଲା । ରୋଗୀ ଶରୀରରେ ଅକ୍ସିଜେନର ଅଭାବ ଦେଖିବାକୁ ମିଳୁଥିଲା ।

# ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> “ ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା । ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ । କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା ।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ । ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ । ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ । ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ । ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ । ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି । ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ । ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା । ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ । କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ । ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ । କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି । ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା । ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ । ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା । ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ । କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା । ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା । ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା । ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ । ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା । ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା । ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା । ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ୍ୟ ଅନାଦାୟ ହୋଇପଡ଼ିଲା । କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ । ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା । ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ୍ୟ ଉଦ୍ୟମ ଆରମ୍ଭ କଲେ । ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା । ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ୍ୟ ବାଟ ଫିଟିଲା । ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା । ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ । ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ୍ୟ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି । ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି । ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର । ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ । ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

# ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ ‘ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ । ପିତରି ପ୍ରୀତିମାସ୍ତନ୍ନେ ପ୍ରୀୟେନ୍ତେ ସର୍ବଦେବତା ।’ ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ । ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି । ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ । ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ । ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ । ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ । ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ । ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ । ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ । ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ । ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ । ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ । ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ । ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ । ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି । କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ୍ୟ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ । ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ କରାଇଥାନ୍ତି । ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି । ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି । ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ । ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ । ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା । ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା ।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି । ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି । ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ । ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ । ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ । ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ । ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ । ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ । ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା । ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି । ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ । ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଉଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ । ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି । ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା । ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି । ସମସ୍ତଙ୍କ ପାଟିରେ ଗୋଟିଏ କଥା, ‘ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି । ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ । ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ । ଦରକାର ପଡ଼ିଲେ ସମସ୍ତ ଧନ ମଧ୍ୟ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ । ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ୍ୟ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା ‘ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି । ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି । ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି । ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ । ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ ।’

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କ’ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ । ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ’ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି । ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୁର୍ଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା । କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି । ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଟଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ’ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ । କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ । ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳିନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି । ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; “ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍” ଅର୍ଥାତ୍ ମନେରଖ ଯେ ଅଲ୍ଲାହ୍‌ଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା । ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା । ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା । ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା । ଏହା ହିଁ ଆମର କାମନା ।

ଭୁବନେଶ୍ୱର, ୟୁନିଟ-୪
ମୋ.୯୬୯୨୨୨୫୦୫୭

## ମା' ଚମ୍ପାଦେଇଙ୍କ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ

ବାଲିପାଟଣା, (ମହାଭାରତ) : ବାଲିପାଟଣା ସ୍ଥାନୀୟ ନବାଟି ଗ୍ରାମସ୍ଥିତ ମା' ଚଂପାଦେଇଙ୍କ ପୀଠରେ ଚତୁର୍ଥତମ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆୟୋଜିତ ଏହି ମହୋତ୍ସବରେ ବିଶ୍ୱର ମଙ୍ଗଳ କାମନା କରି ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।ଏହି ପବିତ୍ର ଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶ୍ରୀ ନାରାୟଣ ବେହେରା ଓ ଶ୍ରୀମତୀ ମମତା ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ମନ୍ତ୍ର ପାଠ ଓ ଆହୁତି ପ୍ରଦାନ କରାଯାଇ ଅଞ୍ଚଳର ସୁଖଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ମହତ୍ ? କାର୍ଯ୍ୟରେ ଅତିଥି ଭାବେ ଅକ୍ଷୟ କୁମାର ଭୋଇ, କେଦାରନାଥ ଭୋଇ, ପ୍ରଶାନ୍ତ କୁମାର ଭୋଇ, ଜ୍ୟୋତିରଞ୍ଜନ ସାମନ୍ତରାୟ ଓ ବେଣୁଧର ଭୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିଥିଲେ।ମା ଚମ୍ପାଦେଇ ଟ୍ରଷ୍ଟର ଟ୍ରଷ୍ଟି ପ୍ରସନ୍ନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯଜ୍ଞରେ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ଯଜ୍ଞକୁ ସଫଳ କରିବାରେ ସୁରେନ୍ଦ୍ର ଭୋଇ, ପବନ ଭୋଇ, ତ୍ରିନାଥ ଭୋଇ, ସଞ୍ଜୀବ ବେହେରା, ପ୍ରକାଶ କୁମାର ଭୋଇ, ପ୍ରଦୀପ କୁମାର ଭୋଇ, ଶାନ୍ତିଲତା ଭୋଇ, ପ୍ରଭାତ ଭୋଇ, ପୂର୍ଣ୍ଣଚନ୍ଦ୍ର ରାଉତ, ନିତ୍ୟାନନ୍ଦ ଭୋଇ, ସୂର୍ଯ୍ୟମଣି ଭୋଇ ଓ ସୌଭାଗ୍ୟ ବେହେରାଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ସଭା କାର୍ଯ୍ୟକ୍ରମକୁ ପ୍ରମୋଦ କୁମାର ବେହେରା ପରିଚାଳନା କରିଥିଲେ।

## ପାରାଦୀପ ନଗର ମଣ୍ଡଳରେ ଦୀନ ଦୟାଲ ଉପାଧ୍ୟାୟ ମହାପ୍ରଶିକ୍ଷଣ ଅଭିଯାନ




ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନ ମଣ୍ଡଳୀର ପାରାଦୀପଠାରେ ଦୀନ ଦୟାଲ ଉପାଧ୍ୟାୟ ମହାପ୍ରଶିକ୍ଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ମଧୁବନସ୍ଥିତ ନିୟୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ମହାପ୍ରଶିକ୍ଷଣ ଅଭିଯାନ ଶିବିରରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ କୁମାର ନାୟକ, ଜିଲ୍ଲା ଉପସଭାପତି ତପନ ତ୍ରିପାଠୀ, ମାନ୍ୟବର ଶିକ୍ଷମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ, ଜିଲ୍ଲା ଟୋଲିର ସହ-ସଂଯୋଜକ ଭବେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ରବିବାର ସକାଳେ ଶିବିରାର୍ଥୀଙ୍କ ଉ□ମ ସ୍ୱାସ୍ଥ୍ୟ ନିମନ୍ତେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଯୋଗଗୁରୁ କଳ୍ପତରୁ ମନ୍ତ୍ରୀ ଶିବିରାର୍ଥୀଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦଳୀୟ କର୍ମୀମାନେ ତଥା ପ୍ରମୁଖ କାର୍ଯ୍ୟକ□ୀମାନଙ୍କ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଓ ସେବା ମନୋଭାବ ଆଗକୁ ବଢିବା ପାଇଁ ଏହି ଶିବିର ସଫଳ ହେବ ବୋଲି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ କହିଛନ୍ତି ।

## ଡିଏଭି ପବ୍ଲିକ୍ ସ୍କୁଲ୍ ପାରାଦୀପ ପୋର୍ଟ ୧୭ତମ ପ୍ରତିଷ୍ଠା ଦିବସ ପାଳିତ



ପାରାଦୀପ, (ମହାଭାରତ) : ରବିବାର ଦିନ ପାରାଦୀପ ବଡପଡିଆଠାରେ ଥିବା ଡିଏଭି ପବ୍ଲିକ୍ ସ୍କୁଲର ୧୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ପାରାଦୀପ ଏଏସପି ସ୍ମୃତିରଂଜନ କର, ଡିଏସପି ରଶ୍ମିରଂଜନ ଦାସ, ପୁର୍ବତନ ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ଯୋଗ ଦେଇଥିଲେ । ସ୍କୁଲର ଅଧ୍ୟକ୍ଷା ଗିତାଂଜଳୀ ହୋତା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୋଷ୍ଠୀ ନୃତ୍ୟ, ଗୋଷ୍ଠୀ ସଙ୍ଗୀତ, ନାଟ୍ୟାଭିନୟ,ଶ୍ଳୋକ ପାଠ ଆଦି ପରିବେଶିତ ହୋଇଥିଲା । ଛାତ୍ରଛାତ୍ରୀମାନେ ବର୍ଷସାରା ଚାଲିଥିବା ବିଭିନ୍ନ ପାଠ୍ୟକ୍ରମ ଏବଂ ସହ-ପାଠ୍ୟକ୍ରମରେ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ସଫଳତା ପାଇଁ ଉତ୍ସାହିତ ହୋଇଥିଲେ । ଶେଷରେ ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷୟତ୍ରୀ ଭି.ସାରଳା ।

## ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ନୟାଗଡ, ( ମହାଭାରତ ) : ନୟାଗଡ଼ ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସଦଭାବନା ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ ରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏବଂ ନୟାଗଡ଼ ଏସ୍ପି ଏସ୍.ସୁଶ୍ରୀ ଙ୍କ ତତ୍ୱାବଧାନରେ ଜିଲ୍ଲାର ବହୁ ଅଧିକାରୀ ସାମିଲ ହୋଇ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏଥିରେ ସମୁଦାୟ ୧୪୦ ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୧୧୫ ଟି ବ୍ୟକ୍ତିଗତ ଏବଂ ୮ ଟି ଗ୍ରାମ୍ୟ ସମସ୍ୟା ଜନିତ ଅଭିଯୋଗ ରହିଥିଲା। ସମୁଦାୟ ୩୭ ଟି ମାମଲା ର ସମାଧାନ କରାଯାଇଛି। ମୂଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୭ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଛି।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ ଅନୁଷ୍ଠିତ



ଗଜପତି, (ମହାଭାରତ) : କ୍ରୀଡ଼ା ଓ ଯୁବା ସେବା ବିଭାଗ ଓ ଜିଲ୍ଲା ପ୍ରଶାସନ ଗଜପତି ପକ୍ଷରୁ ଓଡ଼ିଆ ପକ୍ଷ ଐତିହ୍ୟ ଗଣଦୌଡ ଆଜି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରୁ ବୃନ୍ଦାବନ ରାଜ ପ୍ରାସାଦ ପର୍ଯ୍ୟନ୍ତ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନନାଗା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ ପାରଳାଖେମୁଣ୍ଡି , ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଦୟାମୟ ପାଢ଼ୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତ୍ରିନାଥ ସାହୁ, ବରିଷ୍ଠ ନାଗରିକ ବିଚିତ୍ରା ନନ୍ଦ ବେବର୍ତ୍ତା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଥିଲେ। ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ଓ ଭାଷା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ , ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଗଣ ଐତିହ୍ୟ ଦୌଡ଼ରେ ସାମିଲ କରାଯାଇଥିଲା । ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ଜିଲ୍ଲା ଓ ରାଜ୍ୟର ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା ,ଏହି ଗଣ ଦୌଡ଼ ଦ୍ୱାର ଯୁବକ ଯୁବତୀ ମାନଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥ ତାକୁ ପ୍ରୋତ୍ସାହିତ କରାଯାଇପାରିବ। ପରେ ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।

## ପାରାଦୀପ ପୌରପାଳିକାରେ ଠିକାଦାରଙ୍କ ଅର୍ଥ ହଡପ୍ ଯୋଜନା: ଜୁବୁଲି ମାର୍କେଟରେ ପୁରୁଣା ପେବର ବ୍ଲକ୍ ପକାଇ ଠକିବାକୁ ଉଦ୍ୟମ



ପାରାଦୀପ, (ମହାଭାରତ) : ପାରାଦୀପ ବଡପଡିଆଠାରେ ଥିବା ଜୁବୁଲି ମାର୍କେଟ୍‌ରେ ଫାଷ୍ଟ ଫୁଡ୍ ବ୍ୟବାସାୟ ହେଉଥିବା ସ୍ଥାନରେ ପେବର ବ୍ଲକ୍ ପକାଇ ସରସ ସୁନ୍ଦର କରିବା ପାଇଁ ଯୋଜନା କରିଥିଲେ ପାରାଦୀପ ପୌର ପ୍ରଶାସନ । ଯେହେତୁ ଏହା ପାରାଦୀପ ସହରର ବଡ ମାର୍କେଟ୍ ଅଂଚଳ ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ନଗରପାଳ ବସନ୍ତ ବିଶ୍ୱାଳ ଆଗ୍ରହ ପ୍ରକାଶ କରିଥିଲେ । ଏଠାରେ ଏକ ପରିଶ୍ରାଗାର ନିର୍ମାଣ କରିବାକୁ ଦୀର୍ଘ ଦିନର ଦାବୀକୁ ମଧ୍ୟ ପୂରଣ କରୁଛନ୍ତି ନଗରପାଳ ଶ୍ରୀ ବିଶ୍ୱାଳ । ଏଥି ନିମନ୍ତେ ଠିକାଦାର କାମ ଆରମ୍ଭ କରିଲେଣି । ଯେଉଁ ସ୍ଥାନରେ ଫାଷ୍ଟଫୁଡ୍ ବ୍ୟବସାୟୀମାନେ ବ୍ୟବସାୟ କରୁଥିଲେ ସେମାନଙ୍କୁ ଅନତି ଦୂରକୁ ସ୍ଥାନାନ୍ତରିତ କରାଗଲା । ଏହା ପରେ ଆରମ୍ଭ ହେଲା ପେବର ବ୍ଲକ୍ ପକାଇବା କାମ । ଏହା ମଧ୍ୟରେ ଜୟଦେବ ସଦନ ସମ୍ମୁଖରେ ବର୍ଷାପାଣି ଜମି ରହୁଥିବାରୁ ସେଠାରୁ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କାର୍ଯ୍ୟ ପାରାଦୀପ ବନ୍ଦର ପକ୍ଷରୁ ଆରମ୍ଭ ହେଲା । ଜୟଦେବ ସଦନ ପଡିଆରେ ପାରାଦୀପ ପୌର ପାଳିକା ପକ୍ଷରୁ ନିର୍ମାଣ ହୋଇଥବା ଜଗିଙ୍ଗ ଟ୍ରାକ୍‌କୁ ଖୋଳି ଦେଲେ ଡ୍ରେନ୍ ନିର୍ମାଣ କରୁଥିବା ଠିକାଦାର । ଫଳରେ ଜଗିଙ୍ଗ ଟ୍ରାକ୍ ଖୋଳା ହୋଇଯିବା ପରେ ସେଠାରୁ ବହୁ ପରିମାଣର ପେବର୍ ବ୍ଲକ୍ ଓ ପାର୍ଶ୍ୱରେ ଦିଆଯାଇଥିବା ବନ୍ଧ ବାହାରି ଥିଲା । ଜୁବୁଲି ମାର୍କେଟ୍‌ରେ ପେବର ବ୍ଲକ୍ ପକା କାମ ନେଇଥିବା ଠିକାଦାର ଆଉ ନୂଆ ପେବର ବ୍ଲକ୍ କିଣିବା ବଦଳରେ ଜୟଦେବ ସଦନ ପଡିଆରୁ ବାହାରି ଥିବା ପୁରୁଣା ପେବର ବ୍ଲକ୍ ଓ ପାର୍ଶ୍ୱରେ ଦିଆଯାଇଥିବା ବନ୍ଧ ଗୁଡିକ ଆଣି ଜୁବୁଲି ମାର୍କେଟରେ ପକାଇ ପୌରପାଳିକାର ଅର୍ଥ ହରିଲୁଟ୍ କରିବାକୁ ଉଦ୍ୟମ କରୁଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ସର୍ବ ସମ୍ମୁଖରେ ଏହି ଭଳି ଅର୍ଥ ହରିଲୁଟ୍ କରୁଥିବା ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହେଉଛି ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ

କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୧୧୫ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୮୧ ଗୋଟି ଓ ସାମୂହିକ ୨୪ ଗୋଟି ରହିଥିବା ବେଳେ ୨୨ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜଣେ ଦିବ୍ୟାଙ୍ଗ ଙ୍କୁ ସ୍ୱୟଂ ଚାଳିତ କୃତ୍ରିମ ହାତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ, ଶ୍ରମ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା



ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୌମ୍ୟ ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ହରେକୃଷ୍ଣ ଶତପଥି, ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ଶିବାଜୀ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଅବକାରୀ ଅଧିକ୍ଷକ ରଜନ କୁମାର ନାଏକ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ପ୍ରକଳ୍ପ ପ୍ରଭାକର ନାଏକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କାହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ ଓ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ନିର୍ବାହୀ ଅଧିକାରୀ ପୌରପାଳିକା ପ୍ରମୋଦ ପାଢୀ ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ପାଳିତ

ଗଜପତି, (ମହାଭାରତ) : ସୋମବାର ଦିନ ଜିଲ୍ଲା ବିଜେପି କାର୍ଯ୍ୟାଳୟ (ପାରଳାଖେମୁଣ୍ଡି ) ଠାରେ ବିଜେପି ତାର ପ୍ରତିଷ୍ଠା ଉଛବ ବା ସ୍ଥାପନା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି, ସର୍ବ ପ୍ରଥମେ ଭାରତ ମାତା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଓ ଭାରତରତ୍ନ ଅଟଳବିହାରୀ ବାଜପେୟୀ ଙ୍କ ଫୋଟ ଚିତ୍ର ରେ ପ୍ରଦୀପ ପ୍ରଜ୍ଜଳନ ସହ ଧୂପ ଓ ପୁଷ୍ପରେ ଆରାଧନା କରାଯାଇଥିଲା, ତାପରେ ଦଳୀୟ ପତାକା (ଦଳୀୟ ପଦ୍ମ ଫୁଲ )କୁ ପାର୍ଟିର ସଭାପତି ନବ କିଶୋର ଶବର ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ପ୍ରସାଦ ମହାପାତ୍ର, ବରିଷ୍ଠ ବିଜେପି ନେତା ନୃସିଂହ ଚରଣ ପଟନାୟକ, ମଷ ସୀମାଦ୍ରୀ ୧୯୮୦ ମସିହା ଆଜିର ଦିନରେ ଜନ୍ମ ହୋଇଥିବା ଦଳର ସେ ସମୟର ନେତା ଓ କାର୍ଯ୍ୟକର୍ତ୍ତା ମାନଙ୍କ ର ତ୍ୟାଗ ତପସ୍ୟା, ବଳିଦାନ ଏବଂ ସେମାନଙ୍କର ସଂଘର୍ଷ ମୟ ଜୀବନ କିଭଳି ବିଜେପି ପାର୍ଟି ପ୍ରତି ସମର୍ପିତ ହୋଇ ଉକ୍ତ ପାର୍ଟି ଆଜି ମହା ଦ୍ରୁମରେ ପରିବର୍ତ୍ତନ ହୋଇ ପାରିଲା ତାରି ଉପରେ ବର୍ଣ୍ଣନା କରିଥିଲେ। ତତ୍କାଳୀନ ବିଜେପି ର ନେତୃମଣ୍ଡଳୀ ଯଥା ଭାରତ ରତ୍ନ ଅଟଳବିହାରୀ ବାଜପେୟୀ (ପ୍ରଥମ ସଭାପତି ), ଭାରତ ରତ୍ନ ଲାଲ କୃଷ୍ଣ ଆଡ଼ଭାନୀ, ବିଜୟରାଜେ ସିନ୍ଧିଆ, ଉମା ଭାରତୀ, ସାହେବ ସିଂ ବର୍ମା ପ୍ରମୁଖଙ୍କ ସ୍ମୃତି ଚାରଣ କରାଯାଇଥିଲା. ଅନ୍ୟମାନଙ୍କ ମଧ୍ୟରେ ଜ?ଲ୍ଲା ଉପ ସଭାପତି ଶ୍ରୀ ଧର ନାଇଡୁ,ବାବୁ ରାଓ, ଲ. ସୀତାପୁର ମଣ୍ଡଳ ସଭାପତି ଲ. ଜୀବନ ବାବୁ,କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ଜୁମର ପାଳ, ଆରୁଣିମା ସାହୁ, ରାଜେଶ୍ୱରୀ ଆମ୍ମା, ନରେଶ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରନରେ ଯୋଗଦାନ କରିଥିଲେ।

## ବାଲୁଙ୍କେଶ୍ୱର ପ୍ରିମିୟର ଲିଗ ଭିନ୍ ଟେଜ୍ ୱାରିଅର ଚାମ୍ପିଅନ

ବାଲିପାଟଣା,(ମହାଭାରତ): ବାଲିପାଟଣା ରେ ୧୧ତମ ବାଲୁଙ୍କେଶ୍ୱର ପ୍ରିମିୟର ଲିଗ କ୍ରିକେଟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଷ୍ଟାଡିୟମ୍‌ରେ ଉଦଯାପିତ ହୋଇଯାଇଅଛି। ଏହିଟୁର୍ଣ୍ଣାମେଣ୍ଟକୁ ସୁଧୀର ଜେନା, ସମାଜସେବୀ ଗୋକୁଳା ନନ୍ଦ ସାବୁତ, ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ୬ଟି ଦଳ ଟିପୁବୋର୍ଗ, ସୁପର ଇଲେଭେନ, ରାଇଜିଂ ରୟାଲ, ନାଇଟ ୱଲସ, ଚାମ୍ପିଅନ ୱାରିଅର, ଭିନ୍ ଟେଜ୍ ୱାରିଅର ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଓଭର ବିଶିଷ୍ଟ ମ୍ୟାଚ୍ ଖେଳା ଯାଇଥିଲା ଫାଇନାଲରେ ଭିନ୍ ଟେଜ୍ ୱାରିଅର ଓ ଚାମ୍ପିଅନ ୱାରିଅର ଭେଟାଭେଟି ହୋଇଥିଲେ। ପ୍ରଥମେ ଚାମ୍ପିଅନ ୱାରିଅର ବ୍ୟାଟିଂ କରି ୮ ଓଭରରେ ୭୦ରନ ସଂଗ୍ରହ କରିଥିଲା। ଜବାବରେ ଭିନ୍ ଟେଜ୍ ୱାରିଅର ୮ ଓଭରରେ ୭୪ରନ କରି।ଭିନ୍ ଟେଜ୍ ୱାରିଅର ବିଜୟ ମୁକୁଟ ପିନ୍ଧିଥିଲା।ମୁଖ୍ୟଅତିଥି ଭାବେ କଂଗ୍ରେସ ସାଂସଦ ପ୍ରାର୍ଥୀ ସୟଦ ୟାଶିର ନୱାଜ ଯୋଗଦେଇଥିବା ବେଳେ କଂଗେସ କର୍ମୀ ଦିଲ୍ଲିପ ସ୍ୱାଇଁ,ସମାଜସେବୀ ଗୋକୁଳା ନନ୍ଦ ସାବୁତ, ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଯୁବକ ମୃତ ଘଟଣାର ସିନ ରିକ୍ରିଏସନ ସହ ହତ୍ୟା ଘଟଣାର ଖୁଲାସ କଲା ରଣପୁର ପୋଲିସ




ରଣପୁର, (ମହାଭାରତ) : ଯୁବକ ମୃତ ଘଟଣାର ଘଟଣା ସ୍ଥଳରେ ସିନ ରିକ୍ରିଏସନ ଓ ସାମ୍ବାଦିକ ସମ୍ମିଳନୀ ନୟାଗଡ ଜିଲ୍ଲା ରଣପୁର ଥାନା ପରିସରରେ ଏସ୍ପି ଏସ୍ ସୁଶ୍ରୀଙ୍କ ନେତୃତ୍ୱରେ ସୋମବାର ଦିନ ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାଇ, ମୃତ ବିକାଶ ପ୍ରଧାନଙ୍କର ସିନ୍ଦୁରିଆ ଗ୍ରାମର ବ୍ରଜଙ୍କ ଭାଣିଜୀ ସହିତ ୨ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ତା ୨୬.୦୧.୨୦୨୬ରିଖ ଦିନ ମୃତ ବିକାଶ ପ୍ରଧାନ ଲଡ୍ଡୁ କିଶୋର ପ୍ରଧାନଙ୍କ କୋଦାଳ ପାଲି ଗ୍ରାମରେ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିଲା। ସେ ଏକ ସ୍କୁଟିରେ କୁସପଲ୍ଲୀର ଜଣେ ନାବାଳକ ପୁଅ ସହିତ ପ୍ରେମିକାକୁ ଦେଖା କରିବା ପାଇଁ ସିନ୍ଦୁରିଆ ଗ୍ରାମ ନିକଟକୁ ଯାଇଥିଲେ। ବିକାଶ ଏକ ପୋଲ ପାଖରେ ନାବାଳକ ପୁଅକୁ ଅପେକ୍ଷା କରିବାକୁ କହି ସେ ଧାନ କ୍ଷେତ ଦେଇ ପ୍ରେମିକାକୁ ଭେଟିବାକୁ ଯାଇଥିଲା। ଭେଟିବା ସରିବା ପରେ ମୃତ ବିକାଶ ସେହି ସ୍ଥାନରୁ ଫେରୁବା ବେଳେକୁ ବ୍ରଜବନ୍ଧୁ ପ୍ରଧାନ (ଅଭିଯୁକ୍ତ ବ୍ରଜ ପ୍ରଧାନର ଭାଣିଜୀର ବଡ଼ ବାପା)ଙ୍କ ନଜରକୁ ଆସି ଥିଲା। ଯିଏକି ସେମାନଙ୍କ ସମ୍ପର୍କକୁ ବିରୋଧ କରୁଥିଲା। ବ୍ରଜବନ୍ଧୁ ପ୍ରଧାନ (ସଦେଇ) ସଦାନନ୍ଦ ପ୍ରଧାନ ଏବଂ ( ନାରିଆ ) ନରୋତ୍ତମ ପ୍ରଧାନଙ୍କ ସାହାଯ୍ୟରେ ବିକାଶକୁ ଅଟକାଇ ଥିଲା। ଏପରିକି ଅଭିଯୁକ୍ତ ବ୍ରଜ ଏବଂ ନରୋତ୍ତମଙ୍କ ଦ୍ୱାରା ଝଗଡ଼ା, ଧମକ ଏବଂ ଚାପୁଡ଼ା ମାରା ଯାଇଥିଲା। ଏହାକୁ ଦେଖି ନାବାଳକଟି ନିଜ ଜୀବନ ବଞ୍ଚାଇ ସ୍କୁଟି ନେଇ ସେହି ସ୍ଥାନରୁ ପଳାଇ ଆସିଥିଲା। ସେହି ସମୟରେ, (ଗାଜି) ସୁସାନ୍ତ ପ୍ରଧାନ,( ମାନ) ମାନସ ପ୍ରଧାନ ଏବଂ (ଚୁଇନ୍ ) ମନୋଜ ପ୍ରଧାନ ଏକ ବାଇକରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବ୍ରଜବନ୍ଧୁ ଏବଂ ନରୋତ୍ତମଙ୍କ ନିର୍ଦ୍ଦେଶ ଅନୁସାରେ, ସାଦେଇ, ଚୁଇନ୍ ଏବଂ ମାନ ମୃତ ବିକାଶ ପ୍ରଧାନଙ୍କ ହାତକୁ ଗାମୁଛାରେ ବାନ୍ଧି ରାସ୍ତା ପାର୍ଶ୍ୱ ଜଙ୍ଗଲକୁ ଟାଣି ନେଇ ଥିଲା। ସେଠାରୁ ବ୍ରଜ, ନାରିଆଙ୍କ ଓ ଗାଜି ବିବାହ ପାର୍ଟିକୁ ଯାଇଥିଲେ । ଏବଂ ଅଧ ଘଣ୍ଟା ମଧ୍ୟରେ ଘଟଣାସ୍ଥଳକୁ ଫେରି ଆସିଥିଲେ। ପରେ ଗାଜି ଘଟଣାସ୍ଥଳ ନିକଟରୁ ଏକ ବାଉଁଶ ଲାଠି ସଂଗ୍ରହ କରି ବିକାଶଙ୍କ ପଛ ପାର୍ଶ୍ୱ ମୁଣ୍ଡକୁ ଶକ୍ତ ଆଘାତ କରିଥିଲା। ଯାହା ଫଳରେ ବିକାଶ ଘଟଣା ସ୍ଥଳରେ ତଳେ ପଡ଼ିଯାଇଥିଲା। ବ୍ରଜ ଗାଜିଙ୍କ ଠାରୁ ବାଉଁଶ ଲାଠି ନେଇ ସେହି ଲାଠିରେ ବିକାଶକୁ ମଧ୍ୟ ଆକ୍ରମଣ କରିଥିଲା ।ତେବେ ବିକାଶ ଚେତାଶୂନ୍ୟ ହୋଇ ଯାଇଥିଲା। ଅଭିଯୁକ୍ତ ଗାଜି, ନାରିଆ, ବ୍ରଜ, ମାନ ବିକାଶଙ୍କ ଶରୀରକୁ ତାଙ୍କ ହାତ ଏବଂ ଗୋଡ଼କୁ ଧରି ଉଠାଇ ନେଇଥିଲେ। ମୃତକଙ୍କ ପଛ ପାର୍ଶ୍ୱ ପକେଟରେ ମୋବାଇଲ୍ ଫୋନ୍ ରଖି ବିକାଶଙ୍କ ମୃତଦେହକୁ କାନିଆ ନାଳାରେ ଫିଙ୍ଗି ଦେଇଥିଲେ। ସମସ୍ତ ଅଭିଯୁକ୍ତ ମାନେ ସେଠାରୁ ନିଜ ନିଜ ଘରକୁ ଚାଲିଯାଇଥିଲେ। ନାବାଳକଟି କିଛି ଦିନ ଧରି ଅଭିଯୁକ୍ତ ମାନଙ୍କ ଭୟରେ କାହାରିକୁ କିଛି ଜଣାଇ ନଥିଲା। କିନ୍ତୁ ପରୀକ୍ଷା ସମୟରେ ପୋଲିସ ସମ୍ମୁଖରେ ସମ୍ପୂର୍ଣ୍ଣ ଘଟଣା ବର୍ଣ୍ଣନା କରିଥିଲା। ସେଠାରେ ଅଭିଯୁକ୍ତ ମାନଙ୍କୁ ପଚରାଉଚରା କରିବା ପରେ ସେମାନେ ହତ୍ୟା କରି ନାଳରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ। ତେବେ ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁଙ୍କ ନେତୃତ୍ୱ ଅପରାଧ କରା ଯାଇଥିବା ଅସ୍ତ୍ର ଏବଂ ଚପଲ ଉଦ୍ଧାର କରିବା ସହିତ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଥିବା ନେଇ ଏସ୍ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏସ୍ପି ଏସ୍ ସୁଶ୍ରୀଙ୍କ ସହିତ ଆଡିସନାଲ ଏସ୍ପି ସୁବାସ ଚନ୍ଦ୍ର ପଣ୍ଡା ଡି ଏସ୍ ପି ନିହାର ରଞ୍ଜନ ମହାନ୍ତି ଓ ଆଇ ଆଇ ସି ଆଶିଷ ଦେବ ସାହୁ ପ୍ରମୁଖ ସାମିଲ ଥିଲେ।

# ମାଲକାନଗିରିରେ ସାମୂହିକ ସ୍ୱଚ୍ଛତା ଅଭିଯାନ




ମାଲକାନଗିରି, (ମହାଭାରତ) : ସ୍ୱଚ୍ଛ ଓଡ଼ିଶା ଦିବସ ଅବସରରେ ମାଲକାନଗିରି ଜିଲ୍ଲାର କୋଣ ଅନୁକୋଣରେ ଏକ ବୃହତ ସାମୂହିକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳୀଗୁଡ଼ିକର ସଫେଇ କରାଯାଇଛି। ଆମର ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ହେଉଛି ଆମ ଜିଲ୍ଲାର ପରିଚୟ। ଏହାକୁ ସ୍ୱଚ୍ଛ ରଖିବା ଦ୍ୱାରା ଆମେ କେବଳ ପରିବେଶକୁ ସୁରକ୍ଷିତ ରଖୁନାହୁଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରୁଛୁ ବୋଲି ଏହି ଅବସରରେ ଜିଲ୍ଲାପାଳ ମତପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜିଲ୍ଲାର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ଦାୟିତ୍ୱ ଆମ ସମସ୍ତଙ୍କର ଏକ ସାମୂହିକ ସଂକଳ୍ପ। ମାଲକାନଗିରିକୁ ଏକ ନିର୍ମଳ ଓ ସୁନ୍ଦର ଜିଲ୍ଲାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଏହି ଅଭିଯାନ ଅଧୀନରେ ଶ୍ରୀ ମଲ୍ଲିକେଶ୍ୱର ମନ୍ଦିର ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟ ହୋଇଥିବା ବେଳେ, ଐତିହାସିକ ଗୁରୁପ୍ରିୟା ସେତୁ ନିକଟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ସ୍ୱଚ୍ଛତା କାର୍ଯ୍ୟର ତଦାରଖ କରିଥିଲେ। ସେହିପରି ମୁଗୀ ପଏଣ୍ଟଠାରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ପବିତ୍ର ସୀତା କୁଣ୍ଡଠାରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଶ୍ରମଦାନ କରାଯାଇଥିଲା।ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମଧ୍ୟ ସମାନ ଉତ୍ସାହର ସହ ଏହି ଅଭିଯାନ ଜାରି ରହିଥିଲା। ପ୍ରଶାସନିକ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ଜିଲ୍ଲାର ଐତିହ୍ୟକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଏକ ସାମୂହିକ ସଂକଳ୍ପ ନିଆଯାଇଛି। ଏହି ପଦକ୍ଷେପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୦୮ ଅପ୍ରେଲ ରକ୍ତଦାନ ଶିବିର

ଗଜପତି, (ମହାଭାରତ) : ଜିଲ୍ଲା ପ୍ରଶାସନ ଏବଂ ଭାରତୀୟ ରେଡ୍‌କ୍ରସ ସମିତି, ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ଆସନ୍ତା ତା ୦୮.୦୪.୨୦୨୬ ରିଖ ସକାଳ ଘ.୦୭: ୦୦ ଘଟିକା ସମୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହେବ। ଏଣୁ ରକ୍ତଦାନ ଏକ ମହତ ଦାନ, ଯାହା ଅନ୍ୟର ଜୀବନ ବଞ୍ଚାଇବା ସହ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଠିକ୍ ରଖେ । ରକ୍ତର କୌଣସି ବିକଳ୍ପ ନାହିଁ, ତେଣୁ ସ୍ୱେଚ୍ଛାକୃତ ରକ୍ତଦାନ କରି ରୋଗୀଙ୍କ ଜୀବନ ରକ୍ଷା କରିବାକୁ ଆଗେଇ ଆସି ରକ୍ତଦାନ କରନ୍ତୁ । ଉକ୍ତ ଶିବିରରେ ରକ୍ତ ଦାନ କରିବା ପାଇଁ ଇଚ୍ଛୁକ ଥିବା ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ବହୁ ସଂଖ୍ୟାରେ ସାମିଲ ହୋଇ ରକ୍ତଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଅଛି।

## ୪୭ତମ ବିଜେପି ପ୍ରତିଷ୍ଠା ଦିବସ ପାଳିତ



ଦଶପଲ୍ଲା/ଗଣିଆ, (ମହାଭାରତ): ଦଶପଲ୍ଲା ଏନ୍ ଏ ସି ଅନ୍ତର୍ଗତ ବିଜେପି କାର୍ଯ୍ୟାଳୟ ଠାରେ ସୋମବାର ଦିନ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି।ଏହି ଦିବସରେ ବିଜେପି ନେତା ରାଘବ ମଲିକ ଙ୍କ ସହ କିଶୋର ଚନ୍ଦ୍ର ଦଳବେହେରା ଓ ଅଞ୍ଜନ କୁମାର ଦାସ, ଓ ବି ସି ମୋର୍ଚ୍ଚା ସଭାପତି ଜ୍ଞାନରଞ୍ଜନ ସାହୁ, ଏନ୍ ଏ ସି ମଣ୍ଡଳ ସଭାପତି ମନୋଜ ସାହୁ ଙ୍କ ସହିତ ଅନେକ ବିଜେପି କର୍ମୀ ସାମିଲ ହୋଇଥିଲେ। ୧୯୮୦ମସିହା ଏପ୍ରିଲ ମାସ ୬ତାରିଖରେ ପ୍ରତିଷ୍ଠା ହୋଇଥିଲା ଭାରତୀୟ ଜନତା ପାର୍ଟି। କଂଗ୍ରେସ ବିରୋଧରେ ଦେଶରେ ଗଢ଼ି ଉଠି ଥିବା ରାଜନୈତିକ ଶକ୍ତି ଭାବେ ଭାରତୀୟ ଜନ ସଙ୍ଘ ର ଜନ୍ମ ହୋଇଥିଲା।ପରେ ଅଟଳ ବିହାରୀ ବାଜପେୟୀ ଓ ଲାଲ କୃଷ୍ଣ ଆଡବାଣୀ ଙ୍କ ନେତୃତ୍ୱ ରେ ଜନସଂଘ ନେଇଥିଲା ଭାରତୀୟ ଜନତା ପାର୍ଟିର ରୂପ। ମାତ୍ର ଦୁଇଟି ସାଂସଦ ଥିବା ଆଜି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳର ପରିଚୟ ପାଇଛି। ୨୦୧୪ପରେ ବିଜେପି କୁ ମିଳିଛି ବଡ ସଫଳତା। ପ୍ରଧାନ ମନ୍ତ୍ରୀ ମୋଦିଜୀ ଙ୍କ ନେତୃତ୍ୱରେ ବିଜେପି ଲଗାତାର ଦେଶରେ ସରକାର ହେବା ସହିତ ରାଜ୍ୟରେ ମଧ୍ୟ ପ୍ରଥମ ଥର ସଂଖ୍ୟାଗରିଷ୍ଠ ସହ ଓଡ଼ିଶାରେ ସରକାର ଗଢ଼ିଛି। ସେହିପରି ଗଣିଆ ମଣ୍ଡଳରେ ଜିଲ୍ଲା ଉପସଭାପତି ଚନ୍ଦ୍ରଶେଖର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ପ୍ରସନ୍ନ କୁମାର ଦାଶ, କନ୍ଧମାଳ ସାଂସଦ ପ୍ରତିନିଧି ଶରତ କୁମାର କର, ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠି, ବରିଷ୍ଠ ସଂଗଠକ ବିଭୁତି ଭୂଷଣ ପଣ୍ଡା ଓ ଶୁଭ୍ରଜିତ ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଣିଆରେ 'ଓଡ଼ିଆ ପକ୍ଷ' ସ୍ୱଚ୍ଛତା ଅଭିଯାନ



ଗଣିଆ, (ମହାଭାରତ): ସ୍ଥାନୀୟ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ପବିତ୍ର ପୀଠର ଗାରିମା ବଜାୟ ରଖିବା ଲକ୍ଷ୍ୟରେ 'ଓଡ଼ିଆ ପକ୍ଷ' ପକ୍ଷରୁ ଏକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ ମୁଖ୍ୟାଳୟରେ ଥିବା ପ୍ରସିଦ୍ଧ ଶ୍ରୀ ରଘୁନାଥ ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିର ବେଢ଼ାରେ ଏହି ସଫେଇ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ଏହି ଅଭିଯାନରେ ଅଞ୍ଚଳର ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟାମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ। ମହିଳାମାନେ ହାତରେ ଝାଡ଼ୁ ଓ କୋଦାଳ ଧରି ମନ୍ଦିର ପରିସରରେ ଥିବା ଆବର୍ଜନା, ଶୁଖିଲା ପତ୍ର ଓ ଅନାବନା ଘାସ ସଫା କରିବା ସହ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ। ଭକ୍ତିପୂତ ସେବା: କେବଳ ସଫେଇ ନୁହେଁ, ବରଂ ମନ୍ଦିର ବେଢ଼ାକୁ ସ୍ୱଚ୍ଛ ରଖିବା ଏକ ଦେବ ସେବା ବୋଲି ମହିଳାମାନେ ମତ ପ୍ରକାଶ କରିଥିଲେ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି ଏଣେତେଣେ ଅଳିଆ ନଫିଙ୍ଗିବେ, ସେଥିପାଇଁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଥିଲା। 'ଓଡ଼ିଆ ପକ୍ଷ'ର କର୍ମକର୍ତ୍ତା ଓ ମହିଳା ସଙ୍ଗଠନର ଏହି ମିଳିତ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଭକ୍ତମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଅଭିଯାନକୁ ବ୍ଲକର ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନ ଓ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗଣିଆ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ସୁନୀଲ କାନ୍ତ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲପରିଷଦ ଶ୍ରୀ ଦୟାମୟ ପାଢ଼ୀ,ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଅଭିଯୋଗ ଶୁଣାଣୀ କରିଥିଲେ। ଆଜିର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିରରେ ମୋଟ-୬୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୪୯ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୧ ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋର ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ବୀର ଅଭୟ ଅଞ୍ଜନେୟ ସ୍ୱାମୀଙ୍କର ତ୍ରୟୋଦଶତମ ପ୍ରତିଷ୍ଠା ଉତ୍ସବ ପାଳିତ

ଗଜପତି, (ମହାଭାରତ) : ଆଜି ପାରଳାଖେମୁଣ୍ଡି ନିକଟସ୍ଥ ବମିକା ପଞ୍ଚାୟତ ଅନ୍ତର୍ଗତ ସାଇଲଡା ଗ୍ରାମରେ ବୀର ଅଭୟ ଅଞ୍ଜନେୟ ସ୍ୱାମୀଙ୍କର ତ୍ରୟୋଦଶତମ ପ୍ରତିଷ୍ଠା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ନେଇ ସକାଳୁ ହନୁମାନ ଚାଳିସା ପଠନ ତଥା ଯଜ୍ଞ ଆଦି କରାଯାଇଥିଲା ଓ ପରେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ୧୩ତମ ବାର୍ଷିକ ଉତ୍ସବରେ , ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସରକାରୀ ଓକିଲ ମଣ୍ଡଳା ଲୋକନାଥ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମ ସରପଞ୍ଚ ପ୍ରତିନିଧି ଲକ୍ଷ୍ମଣ ରେଡ୍ଡି, ସମାଜସେବୀ କୁମାର ରେଡ୍ଡି ଓ ରମେଶ ରେଡ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧୁମଧାମରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟ କ୍ରମରେ ବହୁ ବିଜେପି ନେତା କର୍ମୀ ଉପସ୍ଥିତ ଥିଲେ।

# ମୋଟୁ ବାରିବାଞ୍ଚାରେ ବଡ଼ ଧରଣର ଜବର ଦଖଲ ଉଚ୍ଛେଦ ଅଭିଯାନ



ମାଲକାନଗିରି ଜିଲ୍ଲାର ମୋଟୁ ତହସିଲ ଅନ୍ତର୍ଗତ ବାରିବାଞ୍ଚା ତଥା ଇସମାଇଲ ନଗର ନାମରେ ନାମିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ପ୍ରାୟ ୨୨ ଏକରରୁ ଅଧିକ ଜଙ୍ଗଲ ଜମିକୁ ଜବର ଦଖଲମୁକ୍ତ କରାଯାଇ ପ୍ରଶାସନ ନିଜ ଅଧୀନରେ ନେଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳ ୯ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟାନୁଷ୍ଠାନ ଚାଲିଥିଲା। ଏହି କାର୍ଯ୍ୟରେ ନିୟୋଜିତ ୪ ଟି ଜେସିବି, ଗୋଟିଏ ୨୧୦ ଏକ୍ସାଭେଟର, ହାଇଡ୍ରା ମେସିନ୍ ମାଧ୍ୟମରେ ବେଆଇନ ଭାବେ ନିର୍ମିତ ଏକ ୩ ମହଲା ବିଶିଷ୍ଟ ଘର, ଆୟୁର୍ବେଦିକ କ୍ଲିନିକ, ଗୋଦାମ ଗୃହ ଏବଂ ଦୁଇଟି ଷ୍ଟୋର ରୁମ୍‌କୁ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୂର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଭଙ୍ଗା ଯାଇଛି। ସେଥିସହିତ ୧୧ଟି ପୋଖରୀକୁ ମଧ୍ୟ ପ୍ରଶାସନ ନିଜ ନିୟନ୍ତ୍ରଣକୁ ନେଇଛି। ଏହି ଜମିକୁ ଜବରଦଖଲ କରିଥିବା ତିନି ଭାଇ ମହମ୍ମଦ ମାସୁମ୍ ଖାନ୍, ମହମ୍ମଦ ହସନ୍ ଖାନ୍ ଓ ମହମ୍ମଦ ଜମାଲ ଖାନ୍ ଙ୍କ ବିରୋଧରେ ପ୍ରଶାସନ କଡ଼ା ପଦକ୍ଷେପ ନେଇ ସମସ୍ତ ଜବର ଦଖଲରେ ଥିବା ସମ୍ପତ୍ତିକୁ ଜବତ କରାଗଲା। ଅନ୍ୟପକ୍ଷରେ, ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ତିନିଟି ପିଟିସନ ଡବ୍ଲୁପିସି ୧୪୮୬୭/୨୦୨୨, ୧୪୮୬୮/୨୦୨୨, ୧୪୮୭୦/୨୦୨୨ କୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ। ମାନ୍ୟବର ବିଚାରପତି ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ ନିଜ ରାୟରେ କହିଥିଲେ ଯେ, ସରକାରୀ କିମ୍ବା ଜଙ୍ଗଲ ଜମି ଉପରେ ଦୀର୍ଘଦିନ ଧରି ଦଖଲ ରଖିବା ମାତ୍ରେ ମାଲିକାନା ଅଧିକାର ସ୍ଥାପିତ ହେବ ନାହିଁ। ସୂଚନା ଯୋଗ୍ୟ, ଆବେଦନକାରୀମାନେ ଜୟପୁର ସଂସ୍ଥାନ ରାଜା ବିକ୍ରମ ଦେବ ଙ୍କ ପ୍ରଦତ୍ତ ୧୯୨୦ ମସିହାର ତାମ୍ରଫଳକ ସମ୍ବନ୍ଧୀୟ ଦାବି କରିଥିଲେ ମଧ୍ୟ ସେଥିପାଇଁ ଅଦାଲତ ରେ କୌଣସି ପ୍ରମାଣ ପ୍ରଦାନ କରିପାରି ନଥିଲେ। ସେମାନେ ଭୂମିହୀନ ନୁହନ୍ତି ବୋଲି ଯାଞ୍ଚରେ ପ୍ରକାଶ ପାଇଥିବା ସହ, ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଅନ୍ୟ ପାରମ୍ପରିକ ବନବାସୀ ପାଇଁ ଆବଶ୍ୟକ ତିନି ପିଢ଼ିର ପ୍ରମାଣ ଦେବାରେ ମଧ୍ୟ ବିଫଳ ହୋଇଥିଲେ। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହି ଜମିକୁ ଗ୍ରାମ୍ୟ ଜଙ୍ଗଲ ଶ୍ରେଣୀରେ ଥିବା ବୋଲି ସ୍ପଷ୍ଟ କରି କାହାକୁ ମଧ୍ୟ ଏହା ଲିଜ୍ ଦିଆଯିବ ନାହିଁ ବୋଲି କହିଥିଲେ। ଏହି ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପୋଲିସ୍ ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ ଙ୍କ ସହ କାଲିମେଳା ଆଇଆଇସି ଅର୍ଜୁନ କହଁର ଙ୍କ ସମେତ ୧୦୦ ରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମୋଟୁ ତହସିଲଦାର ଅର୍ଜୁନ ପ୍ରଧାନଙ୍କ ସମେତ ମାଜିଷ୍ଟ୍ରେଟ୍ ଭାବରେ ଡେପୁଟି କଲେକ୍ଟର ଲିପିନା ଦାସ, ସ୍ୱୟଂ ରାଉତ, ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ହର ମହାପାତ୍ର, କାଲିମେଳା ତହସିଲଦାର ସତ୍ୟ ନାରାୟଣ ରାଜଗୁରୁ ଉପସ୍ଥିତ ଥିଲେ। ମେଡିକାଲ ଟିମ୍ ସହ ଅଗ୍ନିଶମ ଅଧିକାରୀ କମଲ ଗୌଡ, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ଓ ଟିପିଏସଓଡିଏଲ୍ କର୍ମଚାରୀ ଉପସ୍ଥିତ ଥିଲେ। ସରକାରୀ ସମ୍ପତ୍ତିର ସୁରକ୍ଷା ଏବଂ ଆଇନର ଶାସନ ପ୍ରତିଷ୍ଠା ଦିଗରେ ମାଲକାନଗିରି ପ୍ରଶାସନର ଏହି ପଦକ୍ଷେପ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ବୋଲି ସର୍ବ ସାଧାରଣରେ କୁହାଯାଉଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ସ୍ଥଳୀ ଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ

ଗଜପତି, (ମହାଭାରତ) : ଜିଲ୍ଲା ପ୍ରଶାସନ ଗଜପତି ପକ୍ଷରୁ ଷଷ୍ଠ ଦିନରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ଜିଲ୍ଲାର ବିଭିନ୍ନ ଦେବାଳୟ,ଐତିହ୍ୟ ସ୍ଥଳୀ ଓ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିପରି ପେକ୍ଷୀରେ ଜିଲ୍ଲାର ଐତିହ୍ୟ ସ୍ଥଳୀ, ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ଯଥା ମହେନ୍ଦ୍ରଗିରି ଶୈବ ପୀଠ, ଗୁଡୁଗୁଡା , ଖସଡ଼ା, ଗଣ୍ଡାହାତୀ, ମାଙ୍କଡ଼ଆଁ , ଦେବଗିରି ଓ ବି.ଏନ.ରାଜପ୍ରାସାଦ ବୋଲି ସମସ୍ତ ବ୍ଲକ ଓ ପଞ୍ଚାୟତ ଗୁଡିକରେ ଥିବା ସମସ୍ତ ଐତିହ୍ୟ ସ୍ଥଳୀ ଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ବି.ଏନ.ରାଜପ୍ରାସାଦ ଠାରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ଭାଷା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ଓ ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଚଳିତ ବର୍ଷ ଅପ୍ରେଲ ୧ ତାରିଖ ଠାରୁ ୧୪ ଅପ୍ରେଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯାଉଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲାରେ ଐତିହ୍ୟ ସ୍ଥଳୀ ଓ ପର୍ଯ୍ୟଟନ ସ୍ଥଳୀ ସଫା କରିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଓଡ଼ିଶାର ଐତିହ୍ୟ ଏବଂ ସଂସ୍କୃତିର ପ୍ରତି ଗର୍ବ ସୃଷ୍ଟି କରିବା, ଜିଲ୍ଲା ଓ ରାଜ୍ୟର ସାଂସ୍କୃତିକ ଓ ବିବିଧତାକୁ ପାଳନ କରିବା , ଜିଲ୍ଲାର ସମସ୍ତ ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା ରଖିଲେ ବହୁ ପର୍ଯ୍ୟଟକ ଏଟାକୁ ଆସିବା ପାଇଁ ଆଗ୍ରହ ପ୍ରକାଶ କରିପାରିବେ। ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ନିର୍ମଳା ସେଠୀ, ଅଧ୍ୟକ୍ଷା, ପୌରପରିଷଦ, ପାରଳାଖେମୁଣ୍ଡି, ଶ୍ରୀ ଲକ୍ଷ୍ମଣ କୁମାର ମୁର୍ମୁ, ନିର୍ବାହୀ ଅଧିକାରୀ ପୌରପରିଷଦ, ପାରଳାଖେମୁଣ୍ଡି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ,ଜିଲ୍ଲା ସଂସ୍କୃତି ଅଧିକାରୀ, ଗଜପତି, ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗଜପତି ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଗ୍ରାମ ପଞ୍ଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ସାମିଲ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ର କତଲ କ ଇ ଠ। ଗ୍ରାମ ପଞ୍ଚାୟତ ଆଜି ୫ ତାରିଖ ରବିବାର ସକାଳ ୯.୩୦ ରୁ ମଧ୍ୟାହ୍ନ ୧ ଘଣ୍ଟା ପର୍ଯ୍ୟନ୍ତ ଯାଜପୁର ଗ୍ରାମ ସ୍କୁଲ ଠାରେ ମାଗଣା ଚକ୍ଷୁ ଚିକତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକୁ ହିଞ୍ଜିଳି କାଟୁ ର ଶଙ୍କର ଆଖି ଚିକିତ୍ସାଳୟ, ସମରଝୋଳ ଙ୍କ ମିଳୀତରେ ଡାକ୍ତରଙ୍କ ସହ ସହଯୋଗି କର୍ମୀ ମାନେ ଆସିଥିଲେ। ଆଜି ସମୁଦାୟ ୬୩ ଜଣ ଚକ୍ଷୁ ଚିକିତ୍ସା କରିଥିଲେ । ସେଥି ମଧ୍ୟରୁ ଆଖି ର ପରଳ ଚିକିତ୍ସା ସକାଶେ ଆଜି ୧୯ ଜଣ ଶଙ୍କର ଆଖି ଚିକିତ୍ସାଳୟ ର ବସ୍ ରେ ହିଞ୍ଜିଳିକାଟୁ ହସ୍ପିଟାଲ୍‌କୁ ଗଲେ। ଆଉ ଚିହ୍ନଟ ହୋଇଥିବା ବଳକା ଲୋକଙ୍କୁ ଆସନ୍ତା ୭ ତାରିଖ ମଙ୍ଗଳବାର ଦିନ ଶଙ୍କର ଅଖି ଚିକିତ୍ସାଳୟକୁ ତାଙ୍କ ବସ୍‌ରେ ନେଇକି ଯିବେ। ଆଜିର ଏହି ସେବା କାର୍ଯ୍ୟକୁ ସଫଳ କରିବା ସକାଶେ ସମାଜ ସେବୀ ବଜରଙ୍ଗ ଦଳ ର ଶ୍ରୀ କୈଳାଶ ଚନ୍ଦ୍ର ବିଶ୍ୱାଳ ଙ୍କ ସହ ଯାଜପୁର ଗ୍ରାମର ସମାଜ ସେବୀ ଶ୍ରୀ ଡିଲେଶ୍ୱର୍ ବାରିକ, ହରିଶ୍ ଚନ୍ଦ୍ର ନାୟକ, ପୁର୍ଣ୍ଣ ଚନ୍ଦ୍ର ବରାଡ, ଘଂ ବକ୍ସଙ୍କଛ ଶ୍ରୀ ବାଲୁ ଜେନା ଏବଂ ଶିକ୍ଷକ ଶ୍ରୀ ମୋହନ ବାରିକ ମିଶି ପରିଚାଳନା କରିଥିଲେ ।

# ଚୈତ୍ର ଉତ୍ସବ ପୂଜା ପାଇଁ ଚଳଚଞ୍ଚଳ ନୟାଗଡ଼ର ବୈଷ୍ଣଦେବୀ ପୀଠ




ନୟାଗଡ, (ମହାଭାରତ) : ଚୈତ୍ର ମାସ ଉତ୍ସବ ପୂଜା ପାଇଁ ଚଳଚଞ୍ଚଳ ନୟାଗଡ଼ର ବୈଷ୍ଣଦେବୀ ପୀଠ। ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଜାମୁ କୋଣ ପାହାଡ ଗୁମ୍ଫାରେ ମାଆ ବୈଷ୍ଣଦେବୀ ପୂଜା ପାଉଛନ୍ତି। ମା'ଙ୍କ ଚୈତ୍ର ପୂଜା ଦେଖିବା ପାଇଁ ପ୍ରତିଦିନ ଶହ ଶହ ଲୋକଙ୍କ ସମାଗମ ହେଉଛି। ଏଠାରେ ସମାନ ରୀତି ନୀତିରେ ମା ବୈଷ୍ଣଦେବୀଙ୍କ ପୂଜା ଅନୁଷ୍ଠିତ ହେଉଥିବା ରୁ ଜାମ୍ମୁକାଶ୍ମୀର ମା' ବୈଷ୍ଣଦେବୀ ପୂଜା ଏବଂ ଦର୍ଶନର ଅନୁଭୁତି ଭକ୍ତଙ୍କୁ ମିଳୁଛି ମାତା ବୈଷ୍ଣଦେବୀଙ୍କ ଦିବ୍ୟ ଦର୍ଶନରେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଳଚଞ୍ଚଳ ରହିଛି ବୈଷ୍ଣଦେବୀଙ୍କ ପୀଠ। ଜାମ୍ମୁକାଶ୍ମୀର କଟରାରେ ପୂଜା ପାଉଥିବା ମା' ବୈଷ୍ଣଦେବୀଙ୍କ ପୂଜାନୀତି ଅନୁଯାୟୀ ଏଠାରେ ମଧ୍ୟ ମାଆଙ୍କ ଚୈତ୍ର ପୂଜା ପାଳିତ ହେଉଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁ କୋଣ ପାହାଡ଼ ଗୁମ୍ଫାରେ ବୈଷ୍ଣଦେବୀଙ୍କ ଦର୍ଶନ ଅନୁଭୂତି ନିଆର ରହିଛି। ଏଠାରେ ଭକ୍ତଙ୍କୁ ମିଳୁଛି ଜାମ୍ମୁକାଶ୍ମୀର କଟରାରେ ପୂଜା ପାଉଥିବା ମା' ବୈଷ୍ଣଦେବୀଙ୍କ ପୂଜାନୀତି ଅନୁଭୂତି। ସମସ୍ତ ରୀତିନୀତି ଅନୁସାରେ ଏଠାରେ ମା' ବୈଷ୍ଣଦେବୀଙ୍କ ଚୈତ୍ର ପୁଜା ଅନୁଷ୍ଠିତ ହେଉଛି। ମା' ବୈଷ୍ଣଦେବୀଙ୍କ ଦର୍ଶନ ପାଇଁ ପ୍ରତିଦିନ ଦେଶର କୋଣ ଅନୁକୋଣରୁ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଲମ୍ବା ଲାଇନ ଦେଖିବା ପାଇଁ ମିଳୁଛି। ଏଥିପାଇଁ ମାଆଙ୍କ ପୀଠକୁ ସୁନ୍ଦର ଆଲୋକ ତୋରଣ ମାଳା ସାଙ୍ଗକୁ ପଥରରେ ସୁସଜ୍ଜିତ କାରୁକାର୍ଯ୍ୟ ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ପାହାଡ଼ ଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପଥର ଗୁମ୍ଫା ଭିତରେ ମା' ବୈଷ୍ଣଦେବୀଙ୍କ ଦର୍ଶନ ନିଆରା ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ୬୦ ଫୁଟ ଉଚ୍ଚ ପାହାଡ଼ ଶୀର୍ଷରେ ମାତା ବୈଷ୍ଣଦେବୀଙ୍କ ମନ୍ଦିର ରହିଛି। ୬୦ ଫୁଟ୍ ପାହାଡ଼ ଉପରେ ୧୮୦ ଫୁଟ୍ ର ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି ମାତା ବୈଷ୍ଣଦେବୀ। ଜାମୁ କୋଣ ପାହାଡରେ ମାତା ବୈଷ୍ଣଦେବୀଙ୍କ ମନ୍ଦିର ପ୍ରତିଷ୍ଠା ସମାରୋହର ଯିବାର ମାତ୍ର ଏକ ବର୍ଷ ଦୁଇ ମାସ ହୋଇଛି। ଏହାରି ମଧ୍ୟରେ ପୀଠର ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ଅନେକ ହୋଇଛି। ପାହାଡ଼ ପାଦଦେଶରୁ ଗୁମ୍ଫା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ପାହାଚ ତିଆରି ହୋଇଛି। ଏଥିସହ ଗୁମ୍ଫା ବାହାରେ ମାତା ବୈଷ୍ଣଦେବୀଙ୍କ ପିତଳରେ ପ୍ରତିମା ନିର୍ମାଣ ହୋଇଛି। ଏହା ସହିତ ପାହାଡର ବିଭିନ୍ନ ସ୍ଥାନରେ ଦେବା ଦେବୀଙ୍କ ବିଗ୍ରହ ସ୍ଥାପନ ହୋଇଛି। ପିଇବା ପାଣି ଠାରୁ ଆରମ୍ଭ କରି ଶୌଚାଳୟ ଏବଂ ବିଶ୍ରମ ସ୍ଥଳୀ ଯାତ୍ରୀଙ୍କ ପାଇଁ ସୁବିଧା ରହିଛି। ବିଧି ନୀତି ଅନୁଯାୟୀ ଦିନ ବେଳେ ଗୋଟାଏ ରୁ ଦୁଇଟା ମଧ୍ୟରେ ବୈଷ୍ଣଦେବୀଙ୍କ ପହଡ଼ ପଡୁଥିବାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହୁଛି। ସକାଳ ଛଅ ରୁ ରାତି ନଅ ଟା ପର୍ଯ୍ୟନ୍ତ ମାତା ବୈଷ୍ଣଦେବୀଙ୍କ ଦର୍ଶନର ସୁବିଧା ରହିଛି। ମାଆଙ୍କ ପୂଜା ନୀତି କରିବା ପାଇଁ ଛଅ ଜଣ ପୂଜକ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମନ୍ତ୍ରପାଠ ରେ ଆଧ୍ୟାତ୍ମିକ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି। ପୂଜା ମଧ୍ୟରେ ବିଶେଷ କରି ମାତା ବୈଷ୍ଣଦେବୀଙ୍କ ସନ୍ଧ୍ୟା ଆଳତୀ ଦର୍ଶନ ଦେଖିବା ଭାଗ୍ୟରେ ଥିଲେ ମିଳେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ବୈଷ୍ଣଦେବୀଙ୍କ ମନ୍ଦିର ନିର୍ମାଣ ପରେ ସ୍ଥାନୀୟ ଅଞ୍ଚଳ ପରିଚୟ ପାଇଛି। ମାଆ ଙ୍କ ଦର୍ଶନ ସହ ଏଠାକୁ ବୁଲିବା ପାଇଁ ପ୍ରତିଦିନ ଶହ ଶହ ଲୋକଙ୍କ ସମାଗମ ହେଉଛି। ବର୍ଷକ ମଧ୍ୟରେ ସ୍ଥାନୀୟ ଅଞ୍ଚଳ ପର୍ଯ୍ୟଟନ କ୍ଷେତ୍ର ରେ ଯୋଡି ହୋଇଥିବା ସ୍ଥାନୀୟ ସରପଞ୍ଚ କହିଛନ୍ତି। ମାତା ବୈଷ୍ଣଦେବୀଙ୍କ ଚୈତ୍ର ପୂଜା ପାଇଁ ସ୍ୱତନ୍ତ୍ର ନିତିକାନ୍ତି ଅନୁଷ୍ଠିତ ହେଉଥିବା ବେଳେ ଏହା ଦେଖିବା ପାଇଁ ପ୍ରତିଦିନ ଲୋକାରଣ୍ୟ ହୋଇଛି ମା'ଙ୍କ ପୀଠ। ଏଥିପାଇଁ ଜାମୁକଣ ପାହାଡ଼କୁ ସୁନ୍ଦର ଏବଂ ଆକର୍ଷଣୀୟ କରାଯାଇଛି। ରାତିରେ ଚିକିମିକ୍ ରଙ୍ଗୀନ୍ ଲାଇଟ୍, ଏବଂ ମାତା ବୈଷ୍ଣଦେବୀ ଙ୍କ ଗୁମ୍ଫାକୁ ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

# କଲେଜ ପ୍ରଶାସନର ଚରମ ଅବହେଳା, ବାସ୍କେଟବଲ୍ ଷ୍ଟାଣ୍ଡ ଖସିପଡିବାରୁ ଛାତ୍ରଙ୍କ ମୃତ୍ୟୁ



ପୁଣେ : ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଛାତ୍ରଙ୍କ ମୃତ୍ୟୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏକ ବାସ୍କେଟବଲ ଷ୍ଟାଣ୍ଡ ପିଲାଟି ଉପରେ ଗଳିପଡିବାରୁ ଛାତ୍ରଙ୍କ ଜୀବନ ଚାଲିଯାଇଛି । ପିଲାଟି ବାସ୍କେଟବଲ ଖେଳୁଥିବା ବେଳେ ପିଲାଟି ମୁଣ୍ଡ ଉପରେ ଲୁହାର ଷ୍ଟାଣ୍ଡଟି ଖସିପଡିଥିଲା । ଫଳରେ ଘଟଣା ସ୍ଥଳରେ ପିଲାର ଜୀବନ ଚାଲିଯାଇଥିଲା । ପିଲାଟିର ମୃତ୍ୟୁ ପରେ ସ୍ଥାନୀୟ ଲୋକ ହଙ୍ଗାମା କରିଥିଲେ । ଘଟଣା ପରେ ପୋଲିସ ମାମଲାର ଯାଞ୍ଚ ଆରମ୍ଭ କରିଛି । ଖବର ମୁତାବକ, ବିଶାଲ ବର୍ମା ନାମକ ପିଲା ମରୀନ ଇଂଜିନିୟରିଂର ଦ୍ୱିତୀୟ ବର୍ଷ ଛାତ୍ର । ବିଶାଲ ପୁଣେର ମାୱଲ ସ୍ଥିତ ପ୍ରତିଷ୍ଠିତ ତୋଲାନୀ ମେରିଟାଇମ ଇନଷ୍ଟିଚ୍ୟୁଟର ଗ୍ରାଉଣ୍ଡରେ ବାସ୍କେଟବଲ ଖେଳୁଥିଲା । ଫ୍ରେମରେ ଛାତ୍ର ଜଣକ ପୁଲଅପ୍ କରିବାକୁ ଚେଷ୍ଟା କରୁଥିବା ବେଳେ ଷ୍ଟାଣ୍ଡଟି ପିଲାଟି ଉପରେ ଖସିପଡିଥିଲା । ଫଳରେ ଛାତ୍ରଙ୍କ ଜୀବନ ଚାଲିଯାଇଥିଲା । ଏହି ଘଟଣା ପରେ କଲେଜ ପରିସର ସୁରକ୍ଷା ବ୍ୟବସ୍ଥାରେ ଉପରେ ପ୍ରଶ୍ନ ସୃଷ୍ଟି କରିଛି । ଛାତ୍ର ଜଣକ ବାସ୍କେଟବଲ ଖେଳୁଥିଲା । ହଠାତ୍ ଷ୍ଟାଣ୍ଡରେ ପୁଲଅପ୍ କରିବାକୁ ଚେଷ୍ଟା କରୁଥିବା ବେଳେ ଷ୍ଟାଣ୍ଡ ଛାତ୍ରଙ୍କ ମୁଣ୍ଡ ଉପରେ ଖସିପଡିଥିଲା । ଛାତ୍ର ଜଣକ ଘଟଣା ସ୍ଥଳରେ ଲହୁଲୁହାଣ ହୋଇଥିବା ବେଳେ ଉପସ୍ଥିତ ଥିବା ଛାତ୍ର ଏବଂ କର୍ମଚାରୀ ତୁରନ୍ତ ତାଙ୍କୁ ହସପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏବେ ବଡ ଏବଂ ନାମୀ ସଂସ୍ଥାରେ ଖେଳ ଉପକରଣ ରକ୍ଷଣାବେକ୍ଷଣରେ ଅବହେଳା ଯୋଗୁଁ ଛାତ୍ରଙ୍କ ଜୀବନ ଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି । ଘଟଣା ପରେ ପୋଲିସ ପହଞ୍ଚି ମାମଲାର ଯାଞ୍ଚ କରୁଛି । ଏହାକୁ ନେଇ କଲେଜର ପ୍ରିନ୍ସିପାଲ ସଂଜିନ କାନୁନଗୋ କହିଛନ୍ତି, ଜଣେ ଯୁବକଙ୍କୁ ନିଜ ଜୀବନ ହରାଇବାକୁ ପଡିଛି । ବାସ୍କେଟବଲ ଗ୍ରାଉଣ୍ଡରେ ପୁଲଅପ୍ କରିବାକୁ ଚେଷ୍ଟା କରୁଥିବା ବେଳେ ଫ୍ରେମ ତାଙ୍କ ଉପରେ ଗଳିପଡିଥିଲା । ତାଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରଶାସନ ତରଫରୁ ଯେଉଁ ଅବହେଳା ହୋଇଛି, ତାହା ଯାଞ୍ଚ କରାଯାଉଛି ।

# ତେହେରାନ ଉପରେ ଏୟାରଷ୍ଟ୍ରାଇକ, ୧୩ ମୃତ



ନୂଆଦିଲ୍ଲୀ : ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଅଧିକ କରିଦେଇଛନ୍ତି । ଇରାନର ରାଜଧାନୀ ତେହେରାନର ଆବାସିକ ଗଳିଗୁଞ୍ଜିରେ ଆକ୍ରମଣ ହୋଇଛି । ଏହି ଭୀଷଣ ଏୟାର ଷ୍ଟ୍ରାଇକରେ ଏପର୍ଯ୍ୟନ୍ତ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରତିଷ୍ଠିତ ଶରୀଫ୍ ୟୁନିଭର୍ସିଟି ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ଖବର ଅନୁସାରେ, ତେହେରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଇସଲାମ ସହର ଉପରେ ପାହାନ୍ତା ସମୟରେ ଏକ ମିସାଇଲ୍ ମାଡ଼ ହୋଇଥିଲା । ଏହି ଆକ୍ରମଣ ଏକ ଆବାସିକ କୋଠା ଉପରେ ହୋଇଥିବାରୁ ଶୋଇଥିବା ଅବସ୍ଥାରେ ୧୩ ଜଣ ନିରୀହ ଲୋକଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳେ ଦବି ରହିଥିବା ଲୋକଙ୍କୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି । ଆକ୍ରମଣକାରୀମାନେ ତେହେରାନର ବିଶ୍ୱପ୍ରସିଦ୍ଧ ଶରୀଫ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିକୁ ମଧ୍ୟ ଛାଡ଼ିନାହାନ୍ତି । ବିମାନ ଆକ୍ରମଣରେ ବିଶ୍ୱବିଦ୍ୟାଳୟ ପରିସର ସମେତ ନିକଟସ୍ଥ ଏକ ଗ୍ୟାସ୍ ବିତରଣ କେନ୍ଦ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଯୁଦ୍ଧ ଯୋଗୁଁ ଶିକ୍ଷାନୁଷ୍ଠାନ ପୂର୍ବରୁ ବନ୍ଦ ଥିଲା ଏବଂ କ୍ଲାସ୍ ଅନଲାଇନ୍ ଚାଲୁଥିବାରୁ କ୍ୟାମ୍ପସରେ ଛାତ୍ରଛାତ୍ରୀ ନଥିଲେ । ଇରାନ ଉପରେ ଏହି ହମଲା ପରେ ପୂରା ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ଇସ୍ରାଏଲରେ ସୁରକ୍ଷା ଏଜେନ୍ସି ପକ୍ଷରୁ ମିସାଇଲ୍ ଆଲର୍ଟ ଜାରି କରାଯାଇଛି । ଦୁବାଇରେ ଦୁଇ ଦୁଇ ଥର ବିପଦର ସାଇରନ୍ ବଜାଯାଇଛି ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ଆକ୍ଟିଭ କରାଯାଇଛି ।

# ପାକିସ୍ତାନରେ ତାଣ୍ଡବ ରଚିଲା ବର୍ଷା, ୪୫ ମୃତ



ନୂଆଦିଲ୍ଲୀ: ପାକିସ୍ତାନରେ ତାଣ୍ଡବ ରଚିଲା ବର୍ଷା । ଉତ୍ତର-ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ପ୍ରବଳ ବର୍ଷା ହେଉଛି । ଗତ ୧୦ ଦିନ ମଧ୍ୟରେ ବର୍ଷା ସମ୍ପର୍କିତ ଘଟଣାରେ ଅତି କମରେ ୪୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦୫ ଜଣ ଆହତ ମଧ୍ୟ ହୋଇଛନ୍ତି । ଏହି ସୂଚନା ପ୍ରଦେଶ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଛନ୍ତି । ଏକ ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ୨୫ ତାରିଖରୁ ନିରନ୍ତର ବର୍ଷା ଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ୨୩ ଜଣ ଶିଶୁ, ୧୭ ଜଣ ପୁରୁଷ ଏବଂ ୫ ଜଣ ମହିଳା ଅଛନ୍ତି । ଆହତଙ୍କ ମଧ୍ୟରେ ୪୫ ଜଣ ପୁରୁଷ, ୧୬ ଜଣ ମହିଳା ଏବଂ ୪୪ ଜଣ ଶିଶୁ ଅଛନ୍ତି । ପ୍ରବଳ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ଛାତ ଏବଂ କାନ୍ଥ ଭୁଶୁଡ଼ି ପଡ଼ିଛି, ଯାହା ଫଳରେ ବ୍ୟାପକ ଜୀବନ ଏବଂ ସମ୍ପତ୍ତି କ୍ଷୟକ୍ଷତି ହୋଇଛି । ଜାଣିରଖନ୍ତୁ ଯେ, ଏହି ବର୍ଷା ଯୋଗୁଁ ୪୪୨ ଘର ପ୍ରଭାବିତ ହୋଇଛି, ଯେଉଁଥିରୁ ୩୮୨ ଆଂଶିକ କ୍ଷତିଗ୍ରସ୍ତ ହୋଇଛି ଏବଂ ୬୦ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏକ ରିପୋର୍ଟରେ ଆହୁରି କୁହାଯାଇଛି ଯେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଚାଲିଛି ଏବଂ ଚଉଗଇ, ଉଦ୍ଧାର ୧୧୨୨, ଜିଲ୍ଲା ପ୍ରଶାସନ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି । ପିଡିଏମଏର ମହାନିର୍ଦ୍ଦେଶକ ସତର୍କ କରାଇ ଦେଇଛନ୍ତି ଯେ ରାଜ୍ୟର ଅନେକ ସ୍ଥାନରେ ଏପ୍ରିଲ ୯ ତାରିଖ ପର୍ଯ୍ୟନ୍ତ ଆଉ ଏକ ବର୍ଷା ଜାରି ରହିପାରେ । ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଉଛି । ଖରାପ ଅଞ୍ଚଳକୁ ଅନାବଶ୍ୟକ ଯାତ୍ରା ଏଡାଇବାକୁ ଏବଂ ସରକାରୀ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

# ହ୍ୱାଇଟ୍ ହାଉସ୍‌କୁ ଟାର୍ଗେଟ୍; ସିକ୍ରେଟ୍ ସର୍ଭିସ୍ ସଜାଗ



ୱାସିଂଟନ: ଯଦି ଆମେ ଆମେରିକାର ରାଜଧାନୀ ୱାସିଂଟନର ସବୁଠାରୁ ସୁରକ୍ଷିତ ଅଞ୍ଚଳ ବିଷୟରେ କଥା ହେବା, ତେବେ ଏହା ରାଷ୍ଟ୍ରପତିଙ୍କ ବାସଭବନ । କିନ୍ତୁ ଯଦି ସେଠାରେ ଗୁଳିକାଣ୍ଡ ଘଟେ, ବିଶେଷକରି ଯେତେବେଳେ ଆମେରିକା ଅନ୍ୟ ଦେଶ ସହିତ ଯୁଦ୍ଧରେ ଥାଏ, ତେବେ ପରିସ୍ଥିତି କେତେ ଗମ୍ଭୀର ତାହା ଚିନ୍ତା କରିବାର ବିଷୟ । ରବିବାର ଏଭଳି ଘଟଣା ଘଟିଛି । ସେବେଠାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ହାଇ ଆଲର୍ଟରେ ଅଛନ୍ତି । ଏହି ଘଟଣା ହ୍ୱାଇଟ୍ ହାଉସ୍ ସାମ୍ନାରେ ଥିବା ଲାଫାଏଟ୍ ପାର୍କ ନିକଟରେ ଘଟିଛି । ଯଦିଓ ଏହି ଗୁଳିକାଣ୍ଡରେ କେହି ଆହତ ହୋଇ ନାହାନ୍ତି, କିନ୍ତୁ ଗୁଳି ଚଳାଇଥିବା ବ୍ୟକ୍ତି ଏବେ ବି ଫେରାର ଅଛନ୍ତି । ସିକ୍ରେଟ୍ ସର୍ଭିସ୍ କହିଛି, ସନ୍ଦିଗ୍ଧ ବ୍ୟକ୍ତି ଏବଂ ଗାଡ଼ିକୁ ଖୋଜିବା ପାଇଁ ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସି ସହିତ ମିଳିତ ଭାବେ ତଦନ୍ତ ଚାଲିଛି । ହ୍ୱାଇଟ୍ ହାଉସ୍ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଗୁଳିକାଣ୍ଡ ସମୟରେ ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଉପସ୍ଥିତ ଥିବାରୁ ଏହି ଘଟଣା ଆହୁରି ସମ୍ବେଦନଶୀଳ ହୋଇଛି । ସେ ସପ୍ତାହାନ୍ତ ପାଇଁ ସେଠାରେ ରହିଥିଲେ । ଆମେରିକାର ଏକ ହାଇ-ପ୍ରୋଫାଇଲ୍ ସ୍ଥାନରେ ଏହା ଗତ କିଛି ଦିନ ମଧ୍ୟରେ ଦ୍ୱିତୀୟ ପ୍ରମୁଖ ସୁରକ୍ଷା ଚିନ୍ତାର ବିଷୟ । ଗତ ସପ୍ତାହରେ, ଫ୍ଲୋରିଡାରେ ଏକ ସନ୍ଦିଗ୍ଧ ବିମାନ ଯୋଗୁଁ ଏଫ୍-୧୬ ଲଢୁଆ ବିମାନକୁ ପଠାଯାଇଥିଲା, ଯଦିଓ ସେତେବେଳେ ମଧ୍ୟ ରାଷ୍ଟ୍ରପତି ସୁରକ୍ଷିତ ଥିଲେ । ପୂର୍ବରୁ, ମାର୍ଚ୍ଚ ୧୯ ତାରିଖରେ, ଆମେରିକାରେ ଅଜଣା ଡ୍ରୋନ୍‌ର ଏକ ଘଟଣା ରିପୋର୍ଟ କରାଯାଇଥିଲା । ଏହି ଡ୍ରୋନ୍ ଏକ ସାମରିକ ଘାଟି ନିକଟରେ ଦେଖାଯାଇଥିଲା ଯେଉଁଠାରେ ଅନେକ ବରିଷ୍ଠ ଆମେରିକୀୟ ଅଧିକାରୀ ରୁହନ୍ତି । ଏହା ଏକ ଆମେରିକୀୟ ସାମରିକ ଘାଟି ଏବଂ ଏହା ମାର୍କୋ ରୁବିଓ ଏବଂ ପିଟ୍ ହେଗସେଥ୍ ଭଳି ବରିଷ୍ଠ ବ୍ୟକ୍ତି ବାସ କରୁଥିବା ବାସସ୍ଥାନ ବୋଲି କୁହାଯାଉଛି । ଏହି ଘଟଣା ପରେ ହ୍ୱାଇଟ୍ ହାଉସରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଥିଲା । ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି, ବିଶ୍ୱବ୍ୟାପୀ ଆମେରିକୀୟ ଦୂତାବାସ ପାଇଁ ଏକ ବିଶ୍ୱସ୍ତରୀୟ ସୁରକ୍ଷା ସତର୍କତା ଜାରି କରାଯାଇଥିଲା । ମ୍ୟାକଡିଲ୍ ବାୟୁସେନା ଘାଟି ଏବଂ ମିଳିତ ଘାଟି ମ୍ୟାକଗୁୟାର-ଡିକ୍ସ-ଲେକହର୍ଷ୍ଟର ସୁରକ୍ଷା ସ୍ଥିତିକୁ ଚାର୍ଲି ଭାବେ ବଢ଼ାଇ ଦିଆଯାଇଛି । ଯାହା ଏକ ସମ୍ଭାବ୍ୟ ଆକ୍ରମଣକୁ ସୂଚିତ କରୁଛି । ଏବେ ପ୍ରଶ୍ନ ହେଉଛି, ଯଦି ବିଶ୍ୱର ସବୁଠାରୁ ଉନ୍ନତ ସୁରକ୍ଷା ବ୍ୟବସ୍ଥା ଗର୍ବ କରୁଥିବା ମହାଶକ୍ତି ଆମେରିକାର ରାଷ୍ଟ୍ରପତିଙ୍କ ବାସଭବନ ନିକଟରେ ଗୁଳିକାଣ୍ଡ ହୁଏ, କିମ୍ବା ଯଦି ଡ୍ରୋନ୍ ଏକ ହାଇ-ପ୍ରୋଫାଇଲ୍ ଅଞ୍ଚଳ ଉପରେ ଉଡ଼େ, ତେବେ ଏହା ଏକ ଅତ୍ୟନ୍ତ ଗମ୍ଭୀର ବିଷୟ । ବର୍ତ୍ତମାନ, ଆମେରିକା ଇରାନ ସହିତ ଯୁଦ୍ଧ କରୁଛି ଏବଂ ଗରିଲା ଯୁଦ୍ଧ ନେଇ ବିଚଳିତ ରହିଛି । ଇରାନ ସମର୍ଥକ ଗୋଷ୍ଠୀଗୁଡ଼ିକ ବିଭିନ୍ନ ସ୍ଥାନରେ ଉପସ୍ଥିତ ଅଛନ୍ତି, ତେଣୁ ଗୁଳିକାଣ୍ଡ ଅବା ଲୋନ୍ ୱୁଲ୍ଫ ଆକ୍ରମଣ ହୋଇପାରେ । ଏହି ସମୟରେ, ଇରାନର ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଉଚ୍ଚକୋଟୀର ରହିଛି । ତେଣୁ, ଆମେରିକା ଏହି ସୁରକ୍ଷା ଉଲ୍ଲଂଘନକୁ ବହୁତ ଗମ୍ଭୀରତାର ସହିତ ନେଉଛି । ଅଧିକ ସୂଚନା ଲିକ୍ ହେଉ ନଥିଲେ ମଧ୍ୟ, ରାଷ୍ଟ୍ରପତିଙ୍କ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନରହିବ ସେଥିପ୍ରତି ତୀକ୍ଷଣ ନଜର ରଖାଯାଇଛି ।

# ହର୍ମୁଜ୍ ପ୍ରଣାଳୀ ଆଉ କେବେବି ପୁରୁଣା ସ୍ଥିତିକୁ ଫେରିବ ନାହିଁ: ଆଇଆର୍‌ଜିସି

ହର୍ମୁଜ୍ ପ୍ରଣାଳୀ ଆଉ କେବେବି ପୁରୁଣା ସ୍ଥିତିକୁ ଫେରିବ ନାହିଁ: ଆଇଆର୍ ?ଜିସି

ତେହେରାନ: ଇରାନର ରିଭୋଲ୍ୟୁସନାରୀ ଗାର୍ଡ ନୌସେନା (ଆଇଆର୍‌ଜିସି) କହିଛି, ହର୍ମୁଜ୍ ପ୍ରଣାଳୀ ବିଶେଷକରି ଆମେରିକା ଏବଂ ଇସ୍ରାଏଲ ପାଇଁ କେବେବି ଆଉ ଏହାର ପୂର୍ବ ଅବସ୍ଥାକୁ ଫେରିବ ନାହିଁ । ବିବୃତିରେ କୁହାଯାଇଛି, ଇରାନ ଉପସାଗରୀୟ ଅଞ୍ଚଳରେ ଏକ ନୂଆ ବ୍ୟବସ୍ଥା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ଅଛି । ଇରାନ ସଂସଦ ଏକ ନୂତନ ଡ୍ରାଫ୍‌ଟ ବିଲ୍ ଉପରେ କାମ କରୁଥିବା ସମୟରେ ଆଇଆର୍‌ଜିସିର ମନ୍ତବ୍ୟ ଆସିଛି ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଟୋଲ୍ ଲଗାଇବ । ଏହା ବ୍ୟତୀତ, ଏହି ମାର୍ଗ ଆମେରିକା ଏବଂ ଇସ୍ରାଏଲ ପାଇଁ ପ୍ରତିବନ୍ଧିତ ହେବ । ଏହି ଡ୍ରାଫ୍‌ଟ ଇରାନ ଉପରେ ପ୍ରତିବନ୍ଧକ ଲଗାଇଥିବା ଦେଶମାନଙ୍କ ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରବେଶକୁ ପ୍ରତିବନ୍ଧକ କରିବ । ଇରାନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି, ପ୍ରସ୍ତାବରେ ଇରାନର ଜାତୀୟ ମୁଦ୍ରାରେ ଦେୟ କରାଯାଉଥିବା ପାସେଞ୍ଜ ଫି ଲାଗୁ ହେବ । ଆମେରିକା ଏବଂ




ଇସ୍ରାଏଲ ପାଇଁ ପରିବହନ ପ୍ରତିବନ୍ଧକ ଏବଂ ଇରାନ ବିରୋଧରେ ଏକପାଖିଆ ପ୍ରତିବନ୍ଧକରେ ସାମିଲ ଥିବା ଦେଶଗୁଡ଼ିକ ଉପରେ କଟକଣା କରାଯିବ । ସରଳ ଭାଷାରେ କହିବାକୁ ଗଲେ, ଇରାନ ସ୍ପଷ୍ଟ କରିଛି ଯେ, ସଂଘର୍ଷ ଶେଷ ହେବାଠାରୁ ବହୁ ଦୂରରେ ଅଛି । ଡ୍ରାଫ୍‌ଟ ଆଇନରେ ଷ୍ଟ୍ରେଟ୍ ଉପରେ ଇରାନର ସାର୍ବଭୌମତ୍ୱ, ଏହାର ସଶସ୍ତ୍ର ବାହିନୀର ଭୂମିକା, ସାମୁଦ୍ରିକ ସୁରକ୍ଷା, ପରିବେଶ ସୁରକ୍ଷା ଏବଂ ଓମାନ ସହିତ ଆଇନଗତ ସମନ୍ୱୟ ସହିତ ଜଡିତ ବ୍ୟବସ୍ଥା ମଧ୍ୟ ଉଲ୍ଲେଖ କରାଯାଇଛି ।

## ଯୁଦ୍ଧ ପ୍ରଭାବ: ଆମେରିକାରେ ଗ୍ୟାସ, ପରିବହନ ମହଙ୍ଗା

ୱାଶିଂଟନ,୬।୪(ପି.ଟି.): ଇରାନ ବିରୋଧରେ ଯୁଦ୍ଧ ଆମେରିକୀୟମାନଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଛି । ଆମାଜନ ଏହାର ଇ-କମର୍ସ ଡେଲିଭରି ପାଇଁ ଇନ୍ଧନ ଶୁଳ୍କ ଘୋଷଣା କରିଥିବାବେଳେ କେତେକ ଏୟାରଲାଇନ୍ସ ଚେକ୍ ଇନ୍ ବ୍ୟାଗେଜ୍ ଦେୟ ବଢ଼ାଇଛନ୍ତି । ଆମେରିକାରେ ଶୁକ୍ରବାର ପେଟ୍ରୋଲର ହାରାହାରି ମୂଲ୍ୟ ଗ୍ୟାଲୋନ୍ ପ୍ରତି ୪.୦୯ ଡଲାରକୁ ବୃଦ୍ଧି ପାଇଛି । ଯୁଦ୍ଧ ପୂର୍ବରୁ ଥିବା ମୂଲ୍ୟ ତୁଳନାରେ ୧ ଡଲାର ବଢ଼ିଛି । ୨୦୨୨ ଅଗଷ୍ଟ ପରେ ଏହା ସର୍ବାଧିକ ମୂଲ୍ୟ ବୃଦ୍ଧି ।

## ସ୍ୱାମୀ ଚପଲରେ ଜିପିଏସ ଖଞ୍ଜି ସ୍ତ୍ରୀଙ୍କ ଧରିଲେ ଚୋରାପୀରତି

ନୂଆଦିଲ୍ଲୀ: ବିହାରର ପାଟନାର ଫୁଲୱାରିଶରିଫ ସହରର ଏକତା ନଗରରେ ସିନେମାର କାହାଣୀ ଭଳି ଏକ ଘଟଣା ଘଟିଛି । ସ୍ୱାମୀଙ୍କୁ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ ହୋଇଥିଲା । ତେଣୁ ସେ ତାଙ୍କ ସନ୍ଦେହକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ ଜାରି ରଖିଥିଲେ । ଶେଷରେ ସେ ଚପଲ ସାହାଯ୍ୟର ଧର୍ମପତ୍ନୀଙ୍କ ଚୋରପୀରତିକୁ ଧରିବାରେ ସଫଳ ହୋଇଥିଲେ । ଏହି ଘଟଣାକୁ ନେଇ ସ୍ୱାମୀ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋ ସ୍ତ୍ରୀଙ୍କ ଉପରେ ପୂର୍ବରୁ ସନ୍ଦେହ ଥିଲା ।। ତେଣୁ ମୁଁ ତାଙ୍କ ଚପଲରେ ଜିପିଏସ (ଗ୍ଲୋବାଲ୍ ପୋଜିସନିଂ ସିଷ୍ଟମ୍) ଡିଭାଇସ୍ ଖଞ୍ଜି ଦେଇଥିଲି । ସକାଳୁ ସେ ଯେତେବେଳେ ଘରୁ କାମ ଅଛି କହି ବାହାରକୁ ଚାଲି ଯାଇଥିଲେ । ମୁଁ ମୋବାଇଲ୍ ଫୋନ୍ ବ୍ୟବହାର କରି ଲୋକେସନ୍ ଟ୍ରାକ୍ କରିଥିଲି । କିଛି ସନ୍ଦେହ ଉପୁଜିବା ପରେ ମୁଁ ଜିପିଏସ ଜରିଆରେ ସ୍ତ୍ରୀ ଥିବା ସ୍ଥାନରେ ଯାଇ ପହଞ୍ଚିଯାଇଥିଲି । ସେଠାରେ ଏକ ଘର ଥିଲା । ମୁଁ ଉକ୍ତ ଘରର କବାଟ ବାଡ଼େଇଥିଲି । ଦ୍ୱାର ଫିଟିବା ପରେ ଉକ୍ତ ଘର ଭିତରେ ମୋ ସ୍ତ୍ରୀ ଜଣେ ଅଜଣା ପୁରୁଷ ସହିତ ଥିବା ଦେଖିବାକୁ ପାଇଥିଲା' । ସ୍ୱାମୀ ସ୍ତ୍ରୀଙ୍କ ଚୋର ପୀରତି ଧରିବା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା । ତିନିଜଣ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ଯେ ସେମାନେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଚାହାଁନ୍ତି ନାହିଁ । ଏହା ପରେ, ସମସ୍ତଙ୍କୁ ମଧ୍ୟରାତ୍ରିରେ ମୁକ୍ତ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀ ମାୱାନ ଧାନ ସତକାର ଯୋଜନାର ବିଜ୍ଞପ୍ତି ଜାରି, ପ୍ରତି ମାସରେ ମହିଳାଙ୍କୁ ମିଳିବ ୧୦୦୦୦ ଟଙ୍କା



ପଞ୍ଜାବ : ପଞ୍ଜାବ ସରକାର "ମୁଖ୍ୟମନ୍ତ୍ରୀ ମାୱନ ଧାନ ସତକାର ଯୋଜନା" କାର୍ଯ୍ୟକାରୀ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛନ୍ତି । ଯେଉଁ ଯୋଜନା ମାଧ୍ୟମରେ ଯୋଗ୍ୟ ମହିଳାମାନେ ପ୍ରତି ମାସରେ ୧୦୦୦ ଟଙ୍କାରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇବେ । ଏହି ଯୋଜନାରୁ ଲାଭ ପାଉଥିବା ପରିବାରର ଯୋଗ୍ୟ ମହିଳାଙ୍କ ସଂଖ୍ୟା ଉପରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଏଥିସହିତ ବର୍ତ୍ତମାନର ସାମାଜିକ ସୁରକ୍ଷା ପେନସନଭୋଗୀମାନେ ପୂର୍ବରୁ ପାଉଥିବା ପେନସନ ସହିତ ଏହି ଯୋଜନା ମାଧ୍ୟମରୁ ମଧ୍ୟ ପୂର୍ଣ୍ଣ ଆର୍ଥିକ ସୁବିଧା ପାଇପାରିବେ । ସୂଚନାନୁଯାୟୀ, କ୍ୟାବିନେଟ୍ ଆଜି ଏହି ଯୋଜନାକୁ ଅନୁମୋଦନ କରିଛି । ଯାହା ଦ୍ୱାରା ମହିଳାମାନେ ପ୍ରତି ମାସରେ ୧୦୦୦ ଟଙ୍କା ଏବଂ ଅନୁସୂଚିତ ଜାତିର ମହିଳାମାନେ ୧୫୦୦ ଟଙ୍କା ପାଇବେ । ମହିଳାମାନଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ଦିଆଯିବ ବୋଲି ଆମ ଆଦମୀ ପାର୍ଟି ୨୦୨୨ ମସିହା ପଞ୍ଜାବ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା । ଏହି ଯୋଜନାରୁ ସରକାରୀ ଚାକିରି ଏବଂ ଟ୍ୟାକ୍ସ ଦେଉଥିବା ଲୋକଙ୍କୁ ବାଦ୍ ଦିଆଯାଇଛି । ଏଥି ସହିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ଏହି ଯୋଜନାର ଲକ୍ଷ୍ୟ ରାଜ୍ୟ ସାରା ମହିଳାମାନଙ୍କର ଆର୍ଥିକ ସୁରକ୍ଷା ଏବଂ ସ୍ୱାଧୀନତାକୁ ସୁଦୃଢ଼ କରିବା, ପରିବାରର କଲ୍ୟାଣରେ ଉନ୍ନତି ଆଣିବା, ପରିବାରର ଆର୍ଥିକ ନିଷ୍ପତ୍ତି ଗ୍ରହଣରେ ମହିଳାମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ପଞ୍ଜାବ ସାରା ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା । ଯୋଗ୍ୟ ମହିଳାଙ୍କ ବୟସ ୧୮ବର୍ଷରୁ ଅଧିକ ହୋଇଥିବା ଆବଶ୍ୟକ । ଯୋଗ୍ୟ ମହିଳାଙ୍କ ପଞ୍ଜାବର ପଞ୍ଜୀକୃତ ବାସିନ୍ଦା ଭୋଟର ଥିବା ମଧ୍ୟ ଆବଶ୍ୟକ ।

ସେହିପରି ପଞ୍ଜାବ ସରକାର, କିମ୍ବା କେନ୍ଦ୍ର ସରକାର, କିମ୍ବା ଦେଶର ଅନ୍ୟ କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କର ନିୟମିତ କିମ୍ବା ଅବସରପ୍ରାପ୍ତ କର୍ମଚାରୀମାନେ ଏହି ଯୋଜନାର ସୁବିଧା ପାଇପାରିବେ ନାହିଁ । କ୍ଷେତ୍ରର ଉପକ୍ରମ, ବୈଧାନିକ ବୋର୍ଡ, ନିଗମ, କମିଶନ, କମିଟି, ନିର୍ଦ୍ଦେଶାଳୟ, ସମବାୟ ପ୍ରତିଷ୍ଠାନ କିମ୍ବା ଟ୍ରିବ୍ୟୁନାଲର ନିୟମିତ କିମ୍ବା ଅବସରପ୍ରାପ୍ତ କର୍ମଚାରୀ ଏବଂ ପେନସନ ପାଉଥିବା ଲୋକ ଏହି ଯୋଜନାରୁ ବାଦ ପଡ଼ିବେ । ପୂର୍ବ ଆର୍ଥିକ ବର୍ଷରେ ଆୟକର ଦେଇଥିବା ମହିଳା, ବର୍ତ୍ତମାନର କିମ୍ବା ପୂର୍ବତନ ମନ୍ତ୍ରୀ, ସାଂସଦ କିମ୍ବା ବିଧାୟକ ଏବଂ ବର୍ତ୍ତମାନର ମନ୍ତ୍ରୀ, ସାଂସଦ କିମ୍ବା ବିଧାୟକଙ୍କ ପତ୍ନୀଙ୍କୁ ମଧ୍ୟ ଏଥିରୁ ବାଦ ଦିଆଯିବ । ଅନ୍ୟପଟେ ବିଜ୍ଞପ୍ତିରେ ଉଲ୍ଲେଖ ଅଛି ଯେ, ଫାଇନାନ୍ସିଆଲ ଲାଭକାରୀ ଏବଂ ହାଇ ଲେବଲ ଇମ୍ପ୍ଲିମେଣ୍ଟେସନ୍ କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମୟରେ ଏବଂ ଫ୍ରିକ୍ୱେନ୍ସି ଆଧାରରେ ହିତାଧିକାରୀମାନଙ୍କୁ ଆର୍ଥିକ ଲାଭ ପ୍ରଦାନ କରାଯିବ । ସିଧାସଳଖ ଲାଭ ହସ୍ତାନ୍ତର ମାଧ୍ୟମରେ ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ଆଧାର ସହିତ ଲିଙ୍କ ଥିବା ବ୍ୟାଙ୍କ ଆକାଉଣ୍ଟକୁ ଦିଆଯିବ । ଏହି ଯୋଜନା ସମସ୍ତ ନିର୍ଦ୍ଦିଷ୍ଟ କେନ୍ଦ୍ରରେ ମାଗଣା ହେବ ଏବଂ କୌଣସି ହିତାଧିକାରୀଙ୍କଠାରୁ ଫିସ୍ ନିଆଯିବ ନାହିଁ । ଏହି ଯୋଜନା ସାମାଜିକ ସୁରକ୍ଷା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ ।


# ହଠାତ୍ ଭୁଶୁଡି ପଡିଲା ୪ ମହଲା କୋଠା, ୨ ମୃତ



ମଧ୍ୟପ୍ରଦେଶ : ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାର କୋଟମା ସହରରେ ଏକ ଚାରି ମହଲା କୋଠା ଭୁଶୁଡି ପଡିଛି । ଏହି ଦୁର୍ଘଟଣା ଘଟିବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ଆହତଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ଶାହଡୋଲକୁ ପଠାଯାଇଛି । କିଛି ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା କରାଯାଉଛି । ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢିପାରେ ବୋଲି ପୋଲିସ ଅଧିକାରୀ କହିଛନ୍ତି । ତେଣୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଛି । ସୂଚନାନୁଯାୟୀ, କୋଟମାରେ ଦୁର୍ଭାଗ୍ୟଜନକ କୋଠା ଭୁଶୁଡ଼ିବା ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା । ରାତିସାରା ୫ ଜଣଙ୍କୁ ଭଗ୍ନାବଶେଷରୁ ବାହାର କରାଯାଇଥିଲା ବୋଲି ଅନୁପପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ହର୍ଷଲ ପାଞ୍ଚୋଲି କହିଛନ୍ତି । କୋଟମା ବସ୍ ଷ୍ଟାଣ୍ଡ ନିକଟରେ ଅବସ୍ଥିତ "ଅଗ୍ରୱାଲ ଲଜ୍" ନାମକ କୋଠାଟି ଶନିବାର ସନ୍ଧ୍ୟା ପ୍ରାୟ ୫:୩୦ ସମୟରେ ଭୁଶୁଡ଼ି ପଡ଼ିଥିଲା । ଫଳରେ ବିସ୍ଫୋରଣ ହେବା ସହ ଧୂଳି ବାହାରିଥିଲା । ସେହି ମୃତକଙ୍କ ପରିଚୟ ମିଳିଛି । ମୃତକ ହେଲେ ହନୁମାନ ଦୀନ ଯାଦବ (୫୫) ଏବଂ ରାମକୃପାଳ ଯାଦବ (୫୦) । ଭଗ୍ନାବଶେଷରୁ ସେହି ୫ ଜଣ ଆହତ ଉଦ୍ଧାର କରାଯାଇ ଶାହଡୋଲକୁ ପଠାଯାଇଛି । ଉଦ୍ଧାରକାରୀ ଟିମ୍ ରାତିସାରା ଅଭିଯାନ ଜାରି ରହିଛି । ଏଥିସହିତ ମଧ୍ୟପ୍ରଦେଶ ବନ ମନ୍ତ୍ରୀ ଏବଂ ଅନୁପପୁର ଜିଲ୍ଲାର ଦାୟିତ୍ୱରେ ଥିବା ମନ୍ତ୍ରୀ ଦିଲୀପ ଅହିରୱାର ଏବଂ କୁଟୀର ଏବଂ ଗ୍ରାମୋଦ୍ୟୋଗ ମନ୍ତ୍ରୀ ଦିଲୀପ ଜୟସୱାଲ ଶନିବାର ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ବରିଷ୍ଠ ଅଧିକାରୀଙ୍କ ସହିତ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ତଦାରଖ କରିଥିଲେ । ଅନ୍ୟପଟେ ଘଟଣାର ପ୍ରତ୍ୟେକ ଦିଗର ତଦନ୍ତ କରାଯିବ ବୋଲି କହିଛନ୍ତି ମନ୍ତ୍ରୀ ଦିଲୀପ ଅହିରୱାର । ଏହା ଛଡ଼ା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ କହିଛନ୍ତି । ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ମଧ୍ୟ ସେ କହିଛନ୍ତି । ତିନି ଜଣଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି ।

# ଓଡ଼ିଆ ଝିଅ ପାୟଲ୍‌ଙ୍କ ସଫଳତାରେ ବିମୋହିତ ଆନନ୍ଦ ମହିନ୍ଦ୍ରା

ନୂଆଦିଲ୍ଲୀ,୬।୪: ବିଶ୍ୱ ପାରା ତୀରନ୍ଦାଜିରେ ଦୁଇ ସ୍ୱର୍ଣ୍ଣ ବିଜୟିନୀ ଓଡ଼ିଆ ଝିଅ ପାୟଲ୍ ନାଗଙ୍କ ସଫଳତାରେ ବିମୋହିତ ହୋଇଯାଇଛନ୍ତି ଦେଶର ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା। ସେ ତାଙ୍କ ପାଇଁ ଜଣେ ପ୍ରେରଣା ବୋଲି ବର୍ଣ୍ଣନା କରିଛନ୍ତି। 'ଏକ୍ସ'ରେ ସେ ଲେଖିଛନ୍ତି, ''ଓଡ଼ିଶାର ଜଣେ ଦିନ ମଜୁରିଆଙ୍କ ଝିଅ, ମାତ୍ର ଆଠ ବର୍ଷ ବୟସରେ ନିଜର ଦୁଇହାତ ଓ ପାଦ ହରାଇଥିଲେ। ତାପରେ ସେ ଏକ ଧନୁ ପାଇଲେ..। ତାଙ୍କ ଚିତ୍ରକଳାରୁ ପ୍ରତିଭାକୁ ଚିହ୍ନିଥିଲେ ପ୍ରଶିକ୍ଷକ କୁଳଦୀପ ବେଦୱାନ। ପାୟଲ ବ୍ୟାଙ୍କକ୍‌ରେ ବିଶ୍ୱ ପାରା ତୀରନ୍ଦାଜିରେ ନିଜ ଆଦର୍ଶ ଶୀତଳ ଦେବୀଙ୍କୁ ହରାଇଥିଲେ। ଯେତେବେଳେ ମୁଁ ଦୁଃଖି ଓ ହତୋତ୍ସାହିତ ହୋଇଯିବି, ପାୟଲ ଓ ଶୀତଳଙ୍କ ଫଟୋ ଦେଖି ଗୋଟିଏ କଥା ମନେପକାଇବି: ସାହସ, ସହନଶୀଳତା ଓ ସକାରାତ୍ମକ ଚିନ୍ତା ହିଁ ଗୁରୁତ୍ୱପୂର୍ଣ୍ଣ। ଏହି ଚାମ୍ପିଅନମାନେ ମୋ ପାଇଁ ପ୍ରେରଣାର ଉତ୍ସ'' ।

ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ହାତ ଓ ପାଦ ହରାଇଥିଲେ

ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଜିଲ୍ଲାର ଜଣେ ଦାଦନ ଶ୍ରମିକଙ୍କ ଝିଅ ପାୟଲଙ୍କୁ ମାତ୍ର ସାତ ବର୍ଷ ହୋଇଥିବାବେଳେ ସେ ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ ଓ ତାଙ୍କର ଦୁଇ ହାତ ଓ ପାଦକୁ କାଟିବାକୁ ପଡ଼ିଥିଲା।

## ଏସୀୟ ବ୍ୟାଡ୍‌ମିଣ୍ଟନରୁ ଓହରିଲେ ସାତ୍ତ୍ୱିକ୍-ଚିରାଗ


ନୂଆଦିଲ୍ଲୀ:୬।୪; ମଙ୍ଗଳବାରଠାରୁ ଚୀନର ନିଙ୍ଗ୍‌ବୋଠାରେ ଆରମ୍ଭ ହେଉଛି ଏସୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍। ତେବେ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଭାରତୀୟ ଅଭିଯାନକୁ ଏକ ଶକ୍ତ ଧକ୍କା ଲାଗିଛି। ୨୦୨୩ରେ ପୁରୁଷ ଯୁଗଳ ବର୍ଗରେ ଏହି ପ୍ରତିଯୋଗିତା ଜିତିଥିବା ସାତ୍ତ୍ୱିକସାଇରାଜ୍ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ଏଥର ଓହରିଯାଇଛନ୍ତି।

ଗତ ମାସରେ ଅନୁଷ୍ଠିତ ସ୍ୱିସ୍ ଓପନରେ ସାତ୍ତ୍ୱିକ୍-ଚିରାଗ ଯୋଡ଼ି ଭାଗ ନେଇଥିଲେ ବି ସାତ୍ତ୍ୱିକଙ୍କ ଡାହାଣ କାନ୍ଧରେ ଯନ୍ତ୍ରଣା ଯୋଗୁଁ କ୍ୱାର୍ଟରଫାଇନାଲ୍‌ରୁ ଓହରିଯାଇଥିଲେ। ସାତ୍ତ୍ୱିକ୍ ଏବେ ବି ଯନ୍ତ୍ରଣା ଅନୁଭବ କରୁଥିବାରୁ ଏସୀୟ ପ୍ରତିଯୋଗିତାରୁ ଓହରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ତାଙ୍କ ପ୍ରଶିକ୍ଷକ ତାନ୍ କିମ୍ ହର୍ କହିଛନ୍ତି। ସାତ୍ତ୍ୱିକ୍-ଚିରାଗ ଓହରିବା ପରେ ଏବେ ଏହି ପ୍ରତିଯୋଗିତାରେ ଭାରତୀୟ ଅଭିଯାନର ନେତୃତ୍ୱ ନେବେ ଲକ୍ଷ୍ୟ ସେନ୍ ଓ ପିଭି ସିନ୍ଧୁ। ଭାରତ ଗତ ୬୧ ବର୍ଷ ହେବ ଏହି ପ୍ରତିଯୋଗିତାର ଏକକ ବର୍ଗରେ କୌଣସି ଟାଇଟେଲ୍ ଜିତିନାହିଁ। ୧୯୬୫ ମସିହାରେ ଭାରତର ଦିନେଶ ଖନ୍ନା ଏହି ପ୍ରତିଯୋଗିତାର ପୁରୁଷ ଏକକ ଟାଇଟେଲ୍ ବିଜୟୀ ହୋଇଥିଲେ। ଏଣୁ ଏକକ ବର୍ଗରେ ପୁଣି ଟାଇଟେଲ୍ ଜିତି ଇତିହାସ ସୃଷ୍ଟି କରିବାର ସୁଯୋଗ ଲକ୍ଷ୍ୟ ଓ ସିନ୍ଧୁଙ୍କ ପାଖରେ ରହିବ। ଚଳିତ ଥର ଏହି ପ୍ରତିଯୋଗିତାରେ ଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀମାନେ ହେଲେ ଏଚ୍‌ଏସ୍ ପ୍ରଣୟ, କାଦମ୍ବି ଶ୍ରୀକାନ୍ତ, ଆୟୁଷ ସେଟ୍ଟୀ, ଉନ୍ନତି ହୁଡା, ତାନଭୀ ଶର୍ମା ଓ ମଳବିକା ବାନସୋଡ୍। ୧୨ ଏପ୍ରିଲରରେ ଏହି ପ୍ରତିଯୋଗିତା ଶେଷ ହେବ।

# ସିଏସ୍‌କେକୁ ଫେରିବେ ଡେୱାଲ୍ଡ ବ୍ରେଭିସ

ନୂଆଦିଲ୍ଲୀ,୬।୪: ୫ ଥରର ଆଇପିଏଲ ଚାମ୍ପିଅନ ଚେନ୍ନାଇ । ଚେନ୍ନାଇ ସୁପରକିଙ୍ଗସ୍, ୩ଟି ମ୍ୟାଚ୍ ହାରିଛି । ପାଞ୍ଚ ଥରର ଚାମ୍ପିଅନ୍ ଗତ ବର୍ଷ ଏହି ବର୍ଷର ସିଜିନ୍ ମଧ୍ୟ ସମାନ ଭାବରେ ଆରମ୍ଭ ହୋଇଛି। ସିଏସକେ ଏପର୍ଯ୍ୟନ୍ତ ଏକମାତ୍ର ଦଳ ଯିଏ ତିନୋଟି ମ୍ୟାଚ୍ ଖେଳିବା ସତ୍ତ୍ୱେ ପଏଣ୍ଟ ଟେବୁଲରେ ନିଜର ଖାତା ଖୋଲିନାହିଁ। ବ୍ୟାକ୍ ଟୁ ବ୍ୟାକ୍ ପରାଜୟ ପରେ ବି ଦଳ ପାଇଁ କିଛି ଭଲ ଖବର ଆସିଛି। ଯାହା ଏହାର ପ୍ରଶଂସକମାନଙ୍କୁ କିଛି ଆଶ୍ୱସ୍ତି ଦେଇପାରେ ।

ଡେୱାଲ୍ଡ ବ୍ରେଭିସ୍ ପରବର୍ତ୍ତୀ ମ୍ୟାଚ୍‌ରେ ଫେରିପାରନ୍ତି । ଋତୁରାଜ ଗାୟକୱାଡଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ତିନୋଟି ମ୍ୟାଚ୍ ଖେଳିଛି । ରବିବାର ଆରସିବି ଠାରୁ ପରାସ୍ତ ହୋଇଥିଲା ଚେନ୍ନାଇ । ଦଳ ଖାତା ଖୋଲିବାକୁ ଅପେକ୍ଷା କରିଛି । ଏହି ସମୟରେ, ଦଳ ପ୍ରାୟ ୬ ଦିନ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିବ ନାହିଁ, ଅର୍ଥାତ୍ ଏହାର ଅର୍ଥ ଖେଳାଳିମାନେ ବିଶ୍ରାମ ନେବେ ଏବଂ ପ୍ରସ୍ତୁତି ପାଇଁ ପ୍ରଚୁର ସମୟ ପାଇବେ । ଏହି ସମୟରେ, ଭଲ ଖବର ହେଉଛି ଯେ, ଦଳର ଜଣେ ପ୍ରମୁଖ ଖେଳାଳି ପରବର୍ତ୍ତୀ ମ୍ୟାଚ୍ ପାଇଁ ଫେରିପାରନ୍ତି । ଡେୱାଲ୍ଡ ବ୍ରେଭିସ୍ ବିଷୟରେ କହୁଛୁ। ଡେୱାଲ୍ଡ ବ୍ରେଭିସ୍ ଦଳ ସହିତ ଅଛନ୍ତି, କିନ୍ତୁ ପାର୍ଶ୍ୱ ଷ୍ଟ୍ରେନ୍ ଯୋଗୁଁ ସେ ଗୋଟିଏ ବି ମ୍ୟାଚ୍ ଖେଳି ନାହାଁନ୍ତି । ୨୦୨୫ରେ ବଦଳକାରୀ ଭାବରେ ଆସିଥିଲେ, ଦଳ ତାଙ୍କୁ ବଜାୟ ରଖିଥିଲା . ବ୍ରେଭିସ୍ ପଡ଼ିଆରେ ଥ୍ରୋଡାଉନ୍ ଅଭ୍ୟାସ କରୁଛନ୍ତି । ଏଥିରେ ତାଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ଗତବର୍ଷ ଆଇପିଏଲ ମଧ୍ୟଭାଗରେ ସିଏସକେରେ ଯୋଗ ଦେଇଥିଲେ । ଚେନ୍ନାଇ ସୁପର କିଙ୍ଗ୍ସ ଏପ୍ରିଲ ୧୧ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ । ଘରୋଇ ପରିବେଶରେ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ମୁକାବିଲା କରିବା ପରେ ସେମାନଙ୍କର ପରବର୍ତ୍ତୀ ମ୍ୟାଚ୍ ଖେଳିବ । ସିଏସକେ ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ କହିଛନ୍ତି ଯେ ପରବର୍ତ୍ତୀ ମ୍ୟାଚ୍ ପାଇଁ ପ୍ରଚୁର ସମୟ ଅଛି, ଏବଂ ଦଳ ବ୍ରେଭିସ୍ ଫେରିବା ପାଇଁ ଅପେକ୍ଷା କରିଛି । ସେ ଆଶା ପ୍ରକାଶ କରିଛନ୍ତି ଯେ ବ୍ରେଭିସ୍ ପରବର୍ତ୍ତୀ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ। ଯଦି ଏହା ହୁଏ, ତେବେ ଦଳ ଯୋଜନା ଅନୁଯାୟୀ ଆଗକୁ ବଢ଼ିବ ।




# ଚେନ୍ନାଇର ତୃତୀୟ ପରାଜୟ, ଜିତିଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ : ପୁଣି ହାରିଲା ଚେନ୍ନାଇ ସୁପରକିଙ୍ଗ୍ସ । ଉଝକକୁ ୪୩ ରନରେ ହରାଇଲା ଜଉଇ। ସିଏସକେ ଆଗରେ ୨୫୧ ରନର ବିଶାଳ ଲକ୍ଷ୍ୟ ରହିଥିବାବେଳେ ଦଳ ଅଲଆଉଟ୍ ହୋଇ ୨୦୭ ରନ କରିବାରେ ସକ୍ଷମ ହୋଇଥିଲା । ବିଶାଳ ସ୍କୋରର ପିଛା କରୁଥିବା ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଫ୍ଲପ ହୋଇଥିଲେ । ଆଜିର ମ୍ୟାଚ୍‌ରେ ସଞ୍ଜୁଙ୍କ ଉପରେ ଅଧିକ ବିଶ୍ୱାସ ରହିଥିବାବେଳେ ସେ ମାତ୍ର ୯ ରନ କରିବାରେ ସକ୍ଷମ ହୋଇଥିଲେ । ସେପଟେ ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର ୩ ୱିକେଟ୍ ନେଇଥିବାବେଳେ ଜାକବ ଡଫି ଏବଂ କୃନାଲ ପାଣ୍ଡ୍ୟା, ଅଭିନନ୍ଦନ ସିଂହ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଛନ୍ତି। ସୂୟସ ଶର୍ମା ଗୋଟିଏ ଲେଖାଏଁ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି ।



୨୧୫ ରନର ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ କରିଥିଲା । ଅଧିନାୟକ ଗାଏକ୍ୱାଡ ୭, ଆୟୂଷ ମାହେତ୍ରେ ୧ ରନ କରିଥିଲେ । ପରେ ସର୍ଫରାଜ ଖାନ ୨୫ ବଲରୁ ୫୦ ରନର ପାଳି ଖେଳିଥିଲେ । ଅନ୍ୟ ଖେଳାଳିଙ୍କ ମଧ୍ୟରେ ପ୍ରଶାନ୍ତ ବୀର ୪୩ ଏବଂ ଓଭରଟନ୍ ୩୭ ରନ୍ କରିଛନ୍ତି । ବାକି କେଣସି ଖେଳାଳି ବଡ଼ ପାଳି ଖେଳିପାରିନାହାନ୍ତି । ଯାହାକି ଦଳର ପରାଜୟର ବଡ଼ କାରଣ ବୋଲି କହିପାରିବା ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ସିଏସକେ । ଆରସିବି କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିବାବେଳେ ଦଳ ଏକ ଭଲ ଆରମ୍ଭ କରିଥିଲା । ବିରାଟ ଏବଂ ସଲ୍ଟ ଯୋଡ଼ି ଆରମ୍ଭରୁ ସିଏସକେ ବୋଲରଙ୍କ ଉପରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । କୋହଲି ୧୮ ବଲରୁ ୨୮ ରନ କରିଥିବାବେଳେ ସଲ୍ଟ ୩୦ ବଲରୁ ୪୬ ରନ୍ କରିଥିଲେ । ପରେ ପାଡିକଲ ୨୯ ବଲରୁ ୫୦ ରନର କରି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ ।

ଘରୋଇ ଷ୍ଟାଡିୟମରେ ୩ ୱିକେଟ ହରାଇ ଆରସିବି ୨୫୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଟିମ୍ ଡେଭିଡ୍ ବିସ୍ଫୋରକ ୨୫ ବଲରୁ କଲେ ୭୦ ରନ୍ । ଦଳର ଯେଉଁ ଖେଳାଳି ମଇଦାନକୁ ବ୍ୟାଟିଂ କରିବା ପାଇଁ ଆସୁଥିଲେ ସେମାନେ ସେଟ୍ ହୋଇ ଆସିଥିଲେ। ପରେ ପଟିଦାର ୧୯ ବଲରୁ ୪୮ ରନ୍ କରି ଅପରାଜିତ ରହିଛନ୍ତି । ମାତ୍ର ଟିମ୍ ଡେଭିଡ୍ ୨୫ ବଲରୁ ୭୦ ରନର ବିଶାଳ ପାଳି ଖେଳି ଦଳର ଦଳର ସ୍କୋରକୁ ୨୫୦ ରନରେ ପହଞ୍ଚାଇବାରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ସେପଟେ ସିଏସେକ ପକ୍ଷରୁ କମ୍ବୁଲ, ଓଭରଟନ ଏବଂ ଶିଭମ ଦୁବେ ଗୋଟିଏ ଲେଖାଏଁ ୱିକେଟ ନେବାରେ ସଫଳ ହୋଇଥିଲେ। ଦଳର ସମସ୍ତ ବୋଲର ଆଜିର ମ୍ୟାଚ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ଚେନ୍ନାଇ ଏହି ବିଶାଳ ସ୍କୋରକୁ ପୂରଣ କରିବାକୁ ହେଲେ ଆରମ୍ଭରୁ ଆକ୍ରଣାତ୍ମକ ଢ଼ଙ୍ଗରେ ଖେଳିବାକୁ ପଡ଼ିବ ।

# ଆଭେଶ ଖାନଙ୍କ ପାଇଁ ବିସିସିଆଇକୁ ଫେରାଦ ହେବ ହାଇଦ୍ରାବାଦ

ନୂଆଦିଲ୍ଲୀ,୬।୪ : ରବିବାର ଆଇପିଏଲର ୧୧ତମ ମ୍ୟାଚ୍‌ରେ ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ମଧ୍ୟରେ ଖେଳାଯାଇଥିଲା । ଯେଉଁ ମ୍ୟାଚ୍‌ରେ ଲକ୍ଷୌ ୫ ୱିକେଟରେ ଜିତିଥିଲା । ଅଧିନାୟକ ପନ୍ତ ଶେଷ ପର୍ଯ୍ୟନ୍ତ ଜଗି ରଖି ଖେଳିବା ସହ ଏକ ଚେକା ମାରି ଦଳକୁ ବିଜୟୀ କରାଇଥିଲେ । ଦଳ ଜିତିବା ପରେ କିନ୍ତୁ ବିବାଦରେ ଫସିଛି । ଦଳର ବୋଲର ଆଭେଶ ଖାନଙ୍କ ପାଇଁ ଏବେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି । ଯାହାକି ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଥିବାବେଳେ କ୍ରୀଡ଼ା ଜଗତରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

ଅନ୍ତିମ ଓଭରର ପଞ୍ଚମ ବଲରେ ଉନାଦକଟଙ୍କ ବଲରେ ଏକ ଚେକା ମାରିଥିଲେ ପନ୍ତ । ମାତ୍ର ବଲ ବାଉଣ୍ଡରୀ ଛୁଇଁବା ପୂର୍ବରୁ ଏହି ବଲକୁ ବ୍ୟାଟରେ ପୁଣି ବାଡ଼ଇ ଦେଇଥିଲେ ଆଭେଶ । ଯଦିଓ କୌଣସି ଫିଲ୍ଡର ସେଠାରେ ନଥିଲେ ତଥାପି ଆଭେଶଙ୍କ ଏଭଳି ଏକ ଆଚରଣକୁ ଏବେ ସବୁଠି ନିନ୍ଦା କରାଯାଉଛି । ଅନେକ ୟୁଜର୍ସ କହିଛନ୍ତି କି, ବଲ ଯଦି ସୀମାରେଖା ପାଖରେ ପହଞ୍ଚି ନଥାନ୍ତା ।ସେପଟେ ଏହି ଘଟଣାରେ ସନରାଇଜର୍ସ ହାଇଦ୍ରାବାଦ ବିରକ୍ତିଭାବ ପ୍ରକାଶ କରିଥିବା ଦେଖିବାକୁ ମିଳିଛି । ଏନେଇ ଦଳ ବିସିସିଆଇ ନିକଟରେ ମଧ୍ୟ ଅଭିଯୋଗ କରିପାରେ ବୋଲି ଶୁଣାଯାଉଛି । ଏହାସହ ଚଳିତ ଆଇପିଏଲରେ ଅମ୍ପାୟାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଛି ହାଇଦ୍ରାବାଦ ପୂର୍ବରୁ କ୍ଲାସେନଙ୍କ କ୍ୟାଚ୍ ଏବଂ କୋଲକାତା ବିପକ୍ଷରେ ଅଭିଶେକଙ୍କ ଆଉଟ୍ ଅମ୍ପାୟାରଙ୍କ ଉପରକୁ ଦୋଷ ଦେଇଛି ଏହି ଫ୍ରାଞ୍ଚାଇଜ୍ । ପୁଣି ଏବେ ଆଭେଶ ଖାନଙ୍କ ଆଚରଣ ଉପରେ ଅମ୍ପାୟାର କେଣସି ପ୍ରତିକ୍ରିୟା ରଖିନଥିବାବେଳେ ହାଇଦ୍ରବାଦ ବିରକ୍ତିଭାବ ପ୍ରକାଶ କରିଛି ।




# ୧୨ରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍, ବିଭିନ୍ନ ବର୍ଗରେ ହେବ ପ୍ରତିଯୋଗିତା

ଭୁବନେଶ୍ୱର,୦୬।୦୪: ଅଲ୍ ଓଡିଶା ଚେସ୍ ସଂଘ (ଏଓସିଏ)ର ତତ୍ତ୍ୱାବଧାନରେ ଆରତୀ ୬୪ ସ୍କ୍ୱାୟର ଫାଉଣ୍ଡେସନ୍ ପକ୍ଷରୁ ରୟାଲ ପବ୍ଲିକ ସ୍କୁଲ କେଶୁରା ଠାରେ ଆସନ୍ତା ୧୨ ତାରିଖରେ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଆୟୋଜିତ ହେବ । ଏଥିରେ ମୋଟ ୭ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ । ୭, ୯, ୧୧, ୧୩, ୧୫ବର୍ଷରୁ କମ୍ ବର୍ଗ ସମେତ ବାଳିକା, ମହିଳା ଓ ଭେଟେରାନ ବର୍ଗରେ ପ୍ରତିଯୋଗିତା ହେବ । ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି । ଚାମ୍ପିଅନ୍‌ଙ୍କୁ ୧୦,୦୦୦ଟଙ୍କା, ରନର୍ସ ଅପ୍‌ଙ୍କୁ ୭,୦୦୦ଟଙ୍କା ଏବଂ ତୃତୀୟ ସ୍ଥାନ ପାଇଁ ୫,୦୦୦ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଇଚ୍ଛୁକ ଥିବା ଖେଳାଳିମାନେ ୬୦୦ଟଙ୍କା ପ୍ରବେଶିକା ଫି' ଦେଇ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇ ପାରିବେ । ଅଧିକ ସୂଚନା ପାଇଁ ସେମାନେ ଆସନ୍ତା ୯ ତାରିଖ ସୁଦ୍ଧା ଦେବାଶିଷ ପାଣିଗ୍ରାହୀଙ୍କୁ (୯୯୩୮୩୧୮୭୮୭) ଯୋଗାଯୋଗ କରିପାରିବେ ।



# ଆଇପିଏଲରେ ଭୁବନେଶ୍ୱରଙ୍କ ରେକର୍ଡ

## ୨୦୦ ୱିକେଟ୍ ନେବାରେ ପ୍ରଥମ ଦ୍ରୁତ ବୋଲର

ନୂଆଦିଲ୍ଲୀ,୦୬।୦୪; ଆଇପିଏଲରେ ଇତିହାସ ରଚିଛନ୍ତି ଦ୍ରୁତ ବୋଲର ଭୁବନେଶ୍ୱର କୁମାର । ସେ ପ୍ରଥମ ଦ୍ରୁତ ବୋଲର ଭାବରେ ୨୦୦ ୱିକେଟ୍ ହାସଲ କରିବାର ଗୌରବ ଲାଭ କରିଛନ୍ତି । ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଭୁବନେଶ୍ୱର ଆୟୂଷ ମାହାତ୍ରେ ଏବଂ ପ୍ରଶାନ୍ତ ବୀରଙ୍କୁ ଆଉ କରିବା ପରେ ୨୦୦ ୱିକେଟ୍ କ୍ଲବରେ ସାମିଲ ହୋଇଥିଲେ । ଯଶପ୍ରୀତ ବୁମ୍ରା ଏହି ତାଲିକାରେ ଷଷ୍ଠ ସ୍ଥାନରେ ରହିଛନ୍ତି । ସେ ଆଉ ୧୭ଟି ୱିକେଟ୍ ନେଲେ ୨୦୦ ୱିକେଟ୍ କ୍ଲବରେ ସାମିଲ ହେବେ।




ଆଇପିଏଲ ଇତିହାସରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ସ୍ପିନର ୟୁଝବେନ୍ଦ୍ର ଚହଲଙ୍କ ନାମରେ ରହିଛନ୍ତି। ସେ ୧୭୬ଟି ମ୍ୟାଚ୍ ଖେଳି ୨୨୪ଟି ୱିକେଟ୍ ନେଇଛନ୍ତି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଭୁବନେଶ୍ୱର କୁମାର । ସୁଇଂ କିଙ୍ଗ୍ ଭାବେ ପରିଚିତ ଭୁବନେଶ୍ୱର ଆଇପିଏଲ୍‌ରେ ୧୯୨ଟି ମ୍ୟାଚ୍ ଖେଳି ସାରିଲେଣି । ସେ ଏକମାତ୍ର ବୋଲର ଭାବେ କ୍ରମାନ୍ୱୟରେ ୨ ଥର ଆଇପିଏଲ୍ ପର୍ପଲ କ୍ୟାପ୍ (୨୦୧୬, ୨୦୧୭) ହାସଲ କରିଥିଲେ । ଆଇପିଏଲ୍‌ରେ ତାଙ୍କ ବୋଲିଂ ଇକୋନୋମି ୭.୬୯ ରହିଛି। ତାଙ୍କ ନାମରେ ସର୍ବାଧିକ ମେଡେନ ଓଭର ରେକର୍ଡ ରହିଛି । ସେ ପାୱାର ପ୍ଲେ ଓଭର ଗୁଡିକରେ ମୋଟ ୮୧ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଭୁବନେଶ୍ୱରର ୨୦୧୧ରେ ପୁନେ ୱାରିୟର୍ସ ଇଣ୍ଡିଆ ପକ୍ଷରୁ ଆଇପିଏଲ୍ ପଦାର୍ପଣ କରିଥିଲେ । ଏହାପରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ୧୧ଟି ସିଜନରେ ୧୪୫ଟି ମ୍ୟାଚ୍ ଖେଳି ୧୫୭ଟି ୱିକେଟ୍ ନେଇଥିଲେ । ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟ୍‌ରେ ମୋଟ ୫ଜଣ ବୋଲର ୨୦୦ରୁ ଉର୍ଦ୍ଧ୍ୱ ୱିକେଟ୍ ନେବାରେ ସଫଳ ହୋଇଛନ୍ତି । ଇଂଲଣ୍ଡ ଟି-ଟ୍ୱେଣ୍ଟି ବ୍ଲାଷ୍ଟ୍‌ରେ ଖେଳୁଥିବା ଡାନି ବ୍ରିଗ୍ (୨୬୮ଟି), ସମିତ ପଟେଲ (୨୩୦ଟି), କ୍ରିସ୍ ଉଡ୍ (୨୧୦ଟି) ଓ ଡେଭିଡ ପେନ୍ (୨୧୦ଟି) ୱିକେଟ୍ ନେଇଛନ୍ତି । ଆଇପିଏଲରେ ଚହଲ ଓ ଭୁବନେଶ୍ୱରଙ୍କ ପରେ ସୁନୀଲ ନାରାଏନ (୧୯୧ ମ୍ୟାଚ୍, ୧୯୩ ୱିକେଟ୍) ତୃତୀୟ ସ୍ଥାନରେ ରହିଛନ୍ତି । ଚତୁର୍ଥ ସ୍ଥାନରେ ପିୟୂଷ ଚାୱାଲା (୧୯୩ ୱିକେଟ୍), ପଞ୍ଚମ ସ୍ଥାନରେ ଆର. ଅଶ୍ୱିନ (୧୮୭ ୱିକେଟ୍), ଷଷ୍ଠ ସ୍ଥାନରେ ବୁମ୍ରା, ଅଷ୍ଟମ ସ୍ଥାନରେ ଡ୍ୱେନ ବ୍ରାଭୋ (୧୮୩ ୱିକେଟ୍), ନବମ ସ୍ଥାନରେ ଅମିତ ମିଶ୍ରା (୧୭୪ ୱିକେଟ୍) ଏବଂ ଦଶମ ସ୍ଥାନରେ ରବିନ୍ଦ୍ର ଜାଡେଜା (୧୭୨ ୱିକେଟ୍) ରହିଛନ୍ତି ।

## ଆଇସିସି ମାସର ଶ୍ରେଷ୍ଠ ଖେଳାଳି ଦୌଡରେ ସାମ୍‌ସନ୍ ଓ ବୁମ୍‌ରା

ନୂଆଦିଲ୍ଲୀ,୬।୪: ଟ୍‌ବେଣ୍ଟି-୨୦ ବିଶ୍ୱକପ୍ ବିଜେତା ଭାରତୀୟ ଦଳର ଦୁଇ ଜଣ ତାରକା ସଞ୍ଜୁ ସାମ୍‌ସନ୍ ଓ ଯଶପ୍ରୀତ ବୁମ୍‌ରା ଆଇସିସି ମାର୍ଚ୍ଚ ମାସର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ଦୌଡରେ ରହିଛନ୍ତି। ଏହି ପୁରସ୍କାର ଦୌଡରେ ୩ ଜଣ ଥିଲା ବେଳେ ଭାରତର ଏହି ଦୁଇ ଜଣଙ୍କ ସହ ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟର୍ କନୋର ଇଷ୍ଟରହୁଜେନ୍ ରହିଛନ୍ତି। ଭାରତୀୟ ୱିକେଟ୍‌କିପର ବ୍ୟାଟର୍ ନିଶ୍ଚିତ ବିଜୟ ସୁପର-୮ ମ୍ୟାଚ୍‌ରେ ୯୭ ରନ୍ କରିବା ପରେ ସେମିଫାଇନାଲ୍ ଓ ଫାଇନାଲ୍‌ରେ ଲଗାତାର ୮୯ ରନ୍ ଲେଖାଏଁ କରିଥିଲେ। ଏହି ୩ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସେ ୧୩୭.୫୦ ଷ୍ଟ୍ରାଇକ୍‌ରେଟ୍ ଓ ପାଖାପାଖି ୨୦୦ ଷ୍ଟ୍ରାଇକ୍‌ରେଟ୍‌ରେ ମୋଟ ୨୭୫ ରନ୍ କରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ। ଯଶପ୍ରୀତ ବୁମ୍‌ରା ବିଶ୍ୱକପ୍ ଫାଇନାଲ୍‌ରେ ୪/୧୫ ବୋଲିଂ ସଫଳତା ପାଇବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟ୍‌ବେଣ୍ଟି-୨୦ ଶୃଙ୍ଖଳାରେ ଇଷ୍ଟରହୁଇଜେନ୍ ୨୦୦ ରନ୍ କରିଥିଲେ। ନିର୍ଣ୍ଣାୟକ ତଥା ଶେଷ ମ୍ୟାଚ୍‌ରେ ସେ ୭୫ ରନର ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ୩-୨ରେ ଶୃଙ୍ଖଳା ଜିତିବାକୁ ସକ୍ଷମ ହୋଇଥିଲା।

## ଅଲିମ୍ପିକ୍ସ କାଂସ୍ୟ ବିଜେତାଙ୍କୁ ହରାଇ ଫାଇନାଲ୍‌ରେ ପ୍ରୀତି

ଉଲାନବାତର,୬।୪: ଭାରତର ତାରକା ମହିଳା ମୁଷ୍ଟିଯୋଦ୍ଧା ପ୍ରୀତି ପାୱାର ଏଠାରେ ଚାଲିଥିବା ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ୫୪ କିଲୋଗ୍ରାମ୍ ଏଲିଟ୍ ମହିଳା ସେମିଫାଇନାଲ୍‌ରେ ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସର ସ୍ୱର୍ଣ୍ଣ ବିଜୟିନୀ ପ୍ରୀତି ୫-୦ରେ ପ୍ୟାରିସ୍ ଅଲିମ୍ପିକ୍ସ କାଂସ୍ୟ ବିଜୟିନୀ କୋରିଆର ଏଜି ଇମ୍‌ଙ୍କୁ ମାତ୍ ଦେଇଛନ୍ତି। ଏହି ବିଜୟ ସହ ପ୍ରୀତି ଫାଇନାଲ୍ ସ୍ଥାନ ମଧ୍ୟ ନିଶ୍ଚିତ କରି ଦେଇଛନ୍ତି।



ସ୍ୱର୍ଣ୍ଣ ପଦକ ଲଢ଼େଇରେ ସେ ୩ ଥରର ବିଶ୍ୱ ବିଜୟିନୀ ଚାଇନିଜ୍ ତାଇପେଇର ହୁଆଙ୍ଗ ସିଆଓ-ୱେନ୍‌ଙ୍କୁ ଭେଟିବେ। ତାଙ୍କ ସହ ପ୍ରିୟା ଓ ଅରୁନ୍ଧତୀ ଚୌଧୁରୀ ମଧ୍ୟ ଫାଇନାଲ୍‌ରେ ପହଞ୍ଚି ସ୍ୱର୍ଣ୍ଣ ପଦକ ଆଶାରେ ଅଛନ୍ତି। ମହିଳା ୬୦ କିଲୋଗ୍ରାମ୍‌ରେ ପ୍ରିୟା ୫-୦ରେ ମଙ୍ଗୋଲିଆର ନମୁନ ମୋନଖୋର୍‌ଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ସେ ଦକ୍ଷିଣ କୋରିଆର ଓଁ ଜିଓଙ୍ଗ୍‌ଙ୍କୁ ଭେଟିବେ। ମହିଳା ୭୦ କିଲୋଗ୍ରାମ୍‌ରେ ଅରୁନ୍ଧତୀ ୪-୧ରେ ଉଜ୍‌ବେକିସ୍ତାନର ଓଇଶା ତୋଇରୋଭାଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ସେ କାଜାଖସ୍ତାନର ବାକିତ ସେଇଦିସଙ୍କୁ ଭେଟିବେ। ମହିଳା ୬୫ କିଲୋଗ୍ରାମ୍‌ରେ ଅଙ୍କୁଶିତା ବୋରୋ ୦-୩ରେ ଚାଇନିଜ୍ ତାଇପେର ନିଏଁ-ଚୀଁ ଚେଁଙ୍କଠୁ ହାରି କାଂସ୍ୟରେ ସନ୍ତୁଷ୍ଟ ରହିଛନ୍ତି। ୫୧ କିଲୋଗ୍ରାମ୍‌ରେ ନିଖତ ଜରିନ ୦-୫ରେ ଚୀନ୍‌ର ଉ ୟୁଙ୍କଠୁ ପରାଜିତ ହୋଇଥିଲେ। ୭୫ କିଲୋଗ୍ରାମ୍‌ରେ ଲଭ୍‌ଲୀନା ବଡଗୋହାଁଇ ୦-୫ରେ ଉଜବେକିସ୍ତାନର ଆଜିଜା ଜୋକିରୋଭାଙ୍କଠୁ ହାରିଯାଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ